୬ ଟି-୨୦ ଅଧିନାୟକ ହେଲେ ସୂର୍ଯ୍ୟକୁମାର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୭୨ ● ୧୯ ଜୁଲାଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-172 ● 19th July 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହେଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର ସାମଗ୍ରୀ

ପୁରୀ, ୧୮।୭
ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଗୁରୁବାର ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇଛି । ଏହି କାମ କରିବା ପାଇଁ ପ୍ରାୟ ସାଢେ ୭ ଘଣ୍ଟା ସମୟ ଲାଗିଛି । ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ବାହାରିଲା ପରେ ଜଷ୍ଟିସ୍ ରଥ ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ ପ୍ରଥମ ଦଫାରେ ଗତ ୧୪ ତାରିଖରେ ବାହାର ଭଣ୍ଡାର ଖୋଲାଯାଇଥିବା ବେଳେ ଗୁରୁବାର ବହୁ ପ୍ରତୀକ୍ଷିତ ଭିତର ରତ୍ନଭଣ୍ଡାର ଖୋଲିଛି । ଓଡ଼ିଶାବାସୀଙ୍କର ଯେଉଁ ଆଶା ଓ ଆଶଙ୍କା ଥିଲା ତାହା ଦୂର ହୋଇଛି । ସବୁ ଅଳଙ୍କାର ସୁରକ୍ଷିତ ରହିଛି । ଏହା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତର କରାଯାଇଛି ।

ଜଷ୍ଟିସ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ଭିତରକୁ ପ୍ରବେଶ କରିଥିଲୁ । ସମସ୍ତେ ଦିବ୍ୟମନରେ ପ୍ରବେଶ କରିଥିଲୁ । ସିଂହଦ୍ୱାର ସମ୍ମୁଖରେ ରଥାରୂଢ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ



କରିଥିଲୁ । ଏହାପରେ ସମସ୍ତେ ଏକାଠି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲୁ । ମା' ବିମଳା, ମା' ଲକ୍ଷ୍ମୀଙ୍କ ସହ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିବା ପରେ ପାରମ୍ପରିକ ଧୋତି ଗାମୁଛା ପରିଧାନ କରିଥିଲୁ । ସମସ୍ତ କମିଟି ସଦସ୍ୟ ଶୁଭ ମୁହୂର୍ତ୍ତ ଦିନ ୯ଟା ୫୧ ମିନିଟ ସମୟରେ ଭଣ୍ଡାରକୁ ପ୍ରବେଶ କରିଥିଲୁ । ଭିତର ରତ୍ନଭଣ୍ଡାରରେ ୩ଟି କାଠ ଆଲମିରା, ଗୋଟିଏ ଷ୍ଟିଲ ଆଲମିରା ଥିଲା । ୩ଟି ସିନ୍ଦୁକ ମଧ୍ୟ ଥିଲା । ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ରତ୍ନଭଣ୍ଡାର ପ୍ରବେଶ କରିଥିଲୁ ।

ରତ୍ନଭଣ୍ଡାର ଭିତରେ ଗୁପ୍ତ ଭଣ୍ଡାର କି କିଛି ସୁଡ଼ଙ୍ଗ ନାହିଁ । କାନ୍ଥକୁ ଆଉଜି ଥିବା ସବୁ ଆଲମାରି, ସିନ୍ଦୁକ କଢ଼ା ଯାଇଥିଲା ଆମ ଆଗରେ । ଆମେ ସେମିତି କିଛି ସୁଡ଼ଙ୍ଗ ଦେଖିପାରିଲୁ ନାହିଁ । ଗୁପ୍ତ ଭଣ୍ଡାର, ସୁଡ଼ଙ୍ଗ ନେଇ ହେଉଥିବା ଚର୍ଚ୍ଚା ତଥ୍ୟ ପର୍ଯ୍ୟବେସିତ ନୁହେଁ, କେବଳ ଗୁଜବ ବୋଲି ଜଷ୍ଟିସ ରଥ କହିଛନ୍ତି ।

ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲୁ । ଭିତର ରତ୍ନଭଣ୍ଡାରରୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ସରିଛି । ମନ୍ଦିର ପରିସରରେ ସାପ ଥିବାନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା, ସେସବୁ ଗୁଜବ । ଭିତର ରତ୍ନଭଣ୍ଡାରରେ ସାପ ନାହାନ୍ତି । ସ୍ନେକ ହେଲ୍ପଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଏହା କହିଛନ୍ତି । ସେ କହିଛନ୍ତି, ଆମକୁ ଷ୍ଟାଣ୍ଡବାଇ ରଖାଯାଇଥିଲା । ଆମେ ପ୍ରସ୍ତୁତ ହୋଇ ରହିଥିଲୁ । ଆମେ ବାହାରେ ବସି ରହିଥିଲୁ, ଆମକୁ ଡକା ଗଲା ନାହିଁ । ସାପ ଥିଲେ ଆମକୁ ନିଶ୍ଚିତ ଭାବେ ଡକା ଯାଇଥାନ୍ତା ।

ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ଦିନ ଭିତର ଭଣ୍ଡାର ମୁଖ୍ୟ ଦ୍ୱାରରେ ଲାଗିଥିବା ୩ଟି ଯାକ ତାଲା ଟ୍ରେଜେରୀରୁ ଆସିଥିବା ଦୁଇଟି ଚାବିରେ ନ ଖୋଲିବାରୁ ତାଲାଗୁଡ଼ିକୁ ଭାଙ୍ଗି କମିଟି ପ୍ରବେଶ କରିଥିଲେ । କିନ୍ତୁ ସମୟ ଅଭାବରୁ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହୋଇ ପାରିନଥିଲା । ସେହିଦିନ ଭିତର ଭଣ୍ଡାର ଦ୍ୱାରରେ ଭଙ୍ଗାଯାଇଥିବା ୩ଟି ଯାକ ତାଲା ଏବଂ ପୁରୁଣା ଦୁଇଟି ଚାବିକୁ ଜିଲ୍ଲା ଟ୍ରେଜେରୀରେ ଜମା କରାଯାଇଛି । ଏଥି ସହିତ ୨ଟି ନୂଆ ତାଲା ପକାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ କରି ତାହାର ଚାବିକୁ ମଧ୍ୟ ଟ୍ରେଜେରୀରେ ଜମା କରାଯାଇଥିଲା । ସେହି ନୂଆ ତାଲାର ଚାବି ଟ୍ରେଜେରୀରୁ ଆଣି ଭଣ୍ଡାର ଖୋଲାଯାଇଥିଲା ।

## ପୁଣି ଟ୍ରେନ୍ ଦୁର୍ଘଟଣା: ୧୨ ବଗି ଲାଇନଚ୍ୟୁତ, ୪ ମୃତ

ଲକ୍ଷ୍ନୌ, ୧୮।୭

ପୁଣି ଗୋଟିଏ ବଡ଼ଧରଣର ଟ୍ରେନ ଦୁର୍ଘଟଣା ଘଟିଛି । ଲାଇନଚ୍ୟୁତ ହୋଇଛି ଚଣ୍ଡିଗଡ଼–ଦିବ୍ରୁଗଡ଼ ଏକ୍ସପ୍ରେସ । ଏହି ଏକ୍ସପ୍ରେସ ଟ୍ରେନ୍‌ର ମୋଟ ୧୨ଟି ବଗି ଲାଇନଚ୍ୟୁତ ହୋଇଛି । ଏହା ମଧ୍ୟରେ ୪ ଏସି ବଗି ରହିଛି । ବର୍ତ୍ତମାନ ସୁଦ୍ଧା ଏଥିରେ ୪ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଟ୍ରେନ ନମ୍ବର ୧୫୯୦୪ ଚଣ୍ଡିଗଡ଼ରୁ ଲୋକଙ୍କୁ ଧରି ଆସାମର ଦିବ୍ରୁଗଡ଼ ଯାଉଥିଲା । କିନ୍ତୁ ଦିନ ୨.୩୫ରେ ଉତ୍ତର ପ୍ରଦେଶର ଗୋଣ୍ଡା ଓ ଝିଲାହି ମଧ୍ୟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଟ୍ରେନର ୧୨ଟି ବଗି ଝିଲାହି ଷ୍ଟେସନ ଠାରୁ ଅଳ୍ପଦୂରରେ ଥିବା ପିକାଉରା ଠାରେ ଓଲଟି ପଡ଼ିଥିଲା ।



ଏହି ଦୁର୍ଘଟଣାରେ ଓଲଟି ପଡ଼ିଥିବା ବଗି ମଧ୍ୟରେ ଅନେକ ଲୋକ ଫସି ରହିଥିବା ବେଳେ ଆଉ କିଛି ଲୋକ ଟ୍ରେନ ଲାଇନରେ ପଡ଼ି ରହିଥିଲେ । ତେବେ ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା ।

ଟ୍ରେନରେ ଥିବା ଜଣେ ଯାତ୍ରୀ କହିଛନ୍ତି ମୁଁ ଅଳ୍ପକେ ରକ୍ଷା ପାଇଯାଇଛି । ବଞ୍ଚି ଯାଇଥିବାରୁ ଭାଗ୍ୟବାନ ମଣୁଛି । ବ୍ୟସ୍ତ ହେବାର କିଛି ନାହିଁ ମୁଁ ପୂରା ଠିକ ଅଛି । ହେଲେ ଅନେକ ଲୋକ ଓଲଟି ପଡ଼ିଥିବା ବଗି ଭିତରେ ଫସି ରହିଥିଲେ ।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏଥିସହ ଅଧିକାରୀମାନଙ୍କୁ ଘଟଣା ଉପରେ ନଜର ରଖିବାକୁ କହିଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଘଟଣାକୁ ଗୁରୁତର ଭାବେ ନିଆଯାଇଛି । ଜିଲ୍ଲା ଅଧିକାରୀମାନଙ୍କୁ ଘଟଣା ସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆହତ ମାନଙ୍କୁ ତୁରନ୍ତ ହସ୍ପିଟାଲ ନେଇ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ କହିଛନ୍ତି । ଏଥିସହ ସେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଘଟଣା ପରେ ଉଦ୍ଧାରକାରୀ ଦଳ ସହ ରେଳବାଇର ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ । ନର୍ଥ-ଇଷ୍ଟର୍ଣ୍ଣ ରେଲୱେ ପକ୍ଷରୁ ଦୁଘର୍ଟଣା ପରେ ହେଲପଲାଇନ ନମ୍ବର ଜାରି କରାଯାଇଛି ।

## ଆହାର ଥାଳିରେ ଆଉ ଅଧିକ କ'ଣ ଦିଆଯାଇପାରିବ ସେ ଦିଗରେ ସମୀକ୍ଷା କରାଯିବ



ଭୁବନେଶ୍ୱର, ୧୮।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆହାର କେନ୍ଦ୍ର ବନ୍ଦ ହେବନାହିଁ । ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆହାର କେନ୍ଦ୍ର ହୋଇଛି । ତେଣୁ ଏହା ଚାଲୁ ରହିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି । ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ସରକାର ଗଢ଼ିଛି । ତେଣୁ ବିଜେଡି ସରକାରର ଯୋଜନାର ଭବିଷ୍ୟତକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଗୁରୁବାର ମନ୍ତ୍ରୀ ଆହାର ଯୋଜନା ବାବଦରେ ସ୍ପଷ୍ଟୀକରଣ ରଖିଛନ୍ତି । ମନ୍ତ୍ରୀ ରାଜଧାନୀର କ୍ୟାପିଟାଲ ହସ୍ପିଟାଲରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ସେଠାରେ ନିୟମ ଅନୁଯାୟୀ ନିଜେ ଟୋକନ ଆଣିଥିଲେ ଓ ପରେ ଧାଡ଼ିରେ ଯାଇ ଖାଇବା ଥାଳି ଆଣି ନିଜେ ଖାଇଥିଲେ ।

ଖାଇବା ଥାଳିରେ ଆଉ ଅଧିକ କ'ଣ ଦିଆଯାଇପାରିବ ସେ ଦିଗରେ ସମୀକ୍ଷା କରିବା ପରେ ପଦକ୍ଷେପ ନେବା ବିଷୟରେ ଚିନ୍ତା କରାଯିବ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଭିତର ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ ଲେଜର ସ୍କାନିଂ ପରେ ଜଣାପଡ଼ିବ

ପୁରୀ, ୧୮।୭ : ନ୍ୟୁଜ୍ ବ୍ୟୁରୋ

ପୂର୍ବ ନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତରେ ଗୁରୁବାର ଖୋଲାଯାଇଛି ଭିତର ରତ୍ନଭଣ୍ଡାର । ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ୧୧ ଜଣିଆ ଅଧିକୃତ ଟିମ ଭିତର ରତ୍ନଭଣ୍ଡାର ଭିତରକୁ ଯାଇଥିଲେ । ଏଥିସହ ଗଜପତି ମହାରାଜା ମଧ୍ୟ ଭିତର ରତ୍ନଭଣ୍ଡାର ଭିତରକୁ ଯାଇଥିଲେ । କିଛି ସମୟ ରହିବା ପରେ ଭିତର ରତ୍ନଭଣ୍ଡାରରୁ ବାହାରି ଆସିଥିଲେ ଗଜପତି । ସେ କହିଥିଲେ, ଅସ୍ଥାୟୀ ଖଟଶେଯ ଘରକୁ ଅଳଙ୍କାର ଗୁଡ଼ିକ ସ୍ଥାନାନ୍ତର କରାଯାଉଛି ।

ଗଜପତି ଆହୁରି କହିଥିଲେ,ବାହାର ଓ ଭିତର ରତ୍ନଭଣ୍ଡାର ମରାମତିର ଆବଶ୍ୟକ




ରହିଛି । ରତ୍ନଭଣ୍ଡାର ସଂପୂର୍ଣ୍ଣ ଖାଲି ହେଲା ପରେ ଲେଜର ସ୍କାନିଂ କରାଯିବ । ରତ୍ନଭଣ୍ଡାର ଭିତରେ ଆଉ କିଛି ନାହିଁ ବୋଲି ସ୍ପଷ୍ଟ ହେଲା ପରେ ଏହାକୁ ହସ୍ତାନ୍ତର କରାଯିବ । କେଉଁ କାଳରୁ କେବେ ମରାମତି ହୋଇଥିଲା, କେହି ଜାଣନ୍ତିନି । ୧୯୭୧ରୁ (ପୃଷ୍ଠା ୭ରେ)

## ରଥାରୂଢ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଧରପଣା ପୂଜା ନୀତି ସଂପନ୍ନ

ପୁରୀ, ୧୮।୭
ନ୍ୟୁଜ୍ ବ୍ୟୁରୋ

ବଡ଼ଦାଣ୍ଡକୁ ଅବତରଣ ପରେ ମହାପ୍ରଭୁଙ୍କ ଦର୍ଶନ ସହ ମୁକ୍ତି ପାଇଁ ଚଣ୍ଡୀଚାମୁଣ୍ଡା, ଅଶରୀରୀମାନେ ଘୁରି ବୁଲୁଥାନ୍ତି । ସେଇମାନଙ୍କୁ ତୃପ୍ତ କରିବା ପାଇଁ ଶୁକ୍ରବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଜ୍ୟେଷ୍ଠ ନକ୍ଷତ୍ର ତିଥିରେ ରଥାରୂଢ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଧରପଣା ପୂଜା ନୀତି ସଂପନ୍ନ ହୋଇଛି । ଚତୁର୍ଦ୍ଧା ବିଗ୍ରହଙ୍କଠାରେ ଏହି ପଣା ଲାଗି ହେବା ପରେ ରଥ ଉପରେ ଅଧରପଣା ହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ତିନିଠାକୁରଙ୍କଠାରେ ୯ଟି ମାଟି ହାଣ୍ଡିରେ ଅଧରପଣା ଲାଗି ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଅଧରହାଣ୍ଡି ପ୍ରସ୍ତୁତ ହୋଇଥିବା ବେଳେ



ଗୁରୁବାର ଶ୍ରୀଜୀଉଙ୍କ ଅଧର ଉଚ୍ଚର ଏହି ତିନି ଅଧରହାଣ୍ଡି ରଥ ପାଖକୁ ବିଜେ କରିଥିଲା । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ଚୂଡ଼ାନ୍ତ ହୋଇଥିଲା ।

ନୀତିନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ପହୁଡ଼ ନୀତି ସଂପନ୍ନ ପରେ ସକାଳ ୬ଟାରୁ ସାଢ଼େ ୬ଟା ଭିତରେ ମଙ୍ଗଳଆଳତି ନୀତି ସଂପନ୍ନ ହୋଇଥିଲା । ୭ଟାରେ ମଇଲମ, ୮ଟାରେ ଅବକାଶ, ୯ଟାରେ ବେଶଶେଷ, ପୂର୍ବାହ୍ଣ ୧୦ଟାରୁ ସାଢ଼େ ୧୦ଟା ଭିତରେ ଗୋପାଳବଲ୍ଲଭ, ସାଢ଼େ ୧୧ଟାରୁ ମଧ୍ୟାହ୍ନ ସାଢେ ୧୨ଟା (ପୃଷ୍ଠା ୭ରେ)

## ଶନିବାର ସୁଦ୍ଧା ନିଟ୍ ପରୀକ୍ଷାର ପୂର୍ଣ୍ଣାଙ୍ଗ ଫଳାଫଳ ପ୍ରକାଶ କର

ନୂଆଦିଲ୍ଲୀ, ୧୮।୭

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଗୁରୁବାର ଦିନ ସୁପ୍ରିମକୋର୍ଟ ବଡ଼ ଆଦେଶ ଦେଇଛନ୍ତି । ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ନିଟ୍-ୟୁଜି ପ୍ରବେଶିକାର ପୂର୍ଣ୍ଣାଙ୍ଗ ଫଳାଫଳ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ)କୁ କହିଛନ୍ତି । ଫଳାଫଳଗୁଡିକ ଅନଲାଇନ ଏବଂ କେନ୍ଦ୍ର ଅନୁଯାୟୀ ପ୍ରକାଶ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଫଳାଫଳକୁ ସହର ଏବଂ କେନ୍ଦ୍ର ଅନୁଯାୟୀ ପୃଥକ ଭାବରେ ଘୋଷଣା




କରାଯିବା ଉଚିତ । ଛାତ୍ରଛାତ୍ରୀଙ୍କ ପରିଚୟ ଲୁଚାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏନଟିଏକୁ ଶନିବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ଦିଆଯାଇଛି । ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି ଯେ ପାଟନାରେ ପରୀକ୍ଷା (ପୃଷ୍ଠା ୭ରେ)

## ସୁରକ୍ଷା କର୍ମୀଙ୍କ ଉପରେ ନକ୍ସଲଙ୍କ ଆକ୍ରମଣ: ୨ ଯବାନ ସହିଦ, ୪ ଆହତ

ମାଲକାନଗିରି, ୧୮।୭
ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି । ନକ୍ସଲ ଅପେରସନରେ ବିଜାପୁର ଓ ସୁକମା ସୀମାନ୍ତ ଜଙ୍ଗଲରେ କମ୍ବିଂ କରୁଥିବା ଯବାନଙ୍କ ଉପରେ ନକ୍ସଲ ଆକ୍ରମଣ ଘଟିଛି । ନକ୍ସଲ ପାଇପ ବୋମା ଦ୍ୱାରା ଯବାନଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୬ ଜଣ ଯବାନ ଗୁରୁତର ହୋଇଥିଲେ । ତେବେ ମିଳିଥିବା ସୂଚନା ଅନୁସାରେ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି । ୪ ଜଣ ଯବାନଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି ।



ଆହତ ଯବାନଙ୍କ ଉତ୍ତମ ଚିକିତ୍ସା ପାଇଁ ଏୟାର ଲିଫ୍ଟ କରାଯିବ ବୋଲି ଜଣାପଡିଛି । ସହିଦ ଯବାନ ହେଲେ ଏସ ଟି ଏଫ ବାଟାଲିୟନର କନେଷ୍ଟବଳ ଭାରତ (ପୃଷ୍ଠା ୭ରେ)

## ସୀମାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ, ୨ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ, ୧୮।୭

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ହମଲା ବଢି ଚାଲିଥିବା ବେଳେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା । ଗୁରୁବାର ଜମ୍ମୁ-କଶ୍ମୀରର କୁପୱାଡା ସ୍ଥିତ ଅନ୍ତର୍ଜାତୀୟ ନିୟନ୍ତ୍ରଣ ରେଖାରେ ହୋଇଥିବା ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷାକର୍ମୀମାନେ ପଣ୍ଡ କରି ଦେଇଛନ୍ତି

କୁପୱାଡା ସ୍ଥିତ ଏଲଓସି ଦେଇ ପାକିସ୍ତାନ ପଟୁ ଭାରତରେ ପ୍ରବେଶ ପାଇଁ ଚେଷ୍ଟା କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ନିହତ ହୋଇଛନ୍ତି ୨ ଜଣ ଆତଙ୍କବାଦୀ ।

ଭାରତୀୟ ସେନାର ଚିନାର କ୍ରସ୍ ପକ୍ଷରୁ କୁହାଯାଇଛି ଅନୁପ୍ରବେଶ ଉଦ୍ୟମକୁ ସଫଳତାର ସହ (ପୃଷ୍ଠା ୭ରେ)

## ଏକାଳ ସକାଳ



ବହୁ ଲୀଳାକରି ମହାପ୍ରଭୁ
ବାହୁଡିବେ ଆଜିପୁର
ରତ୍ନବେଦୀ ଫାଙ୍କା ପଡିଅଛି
ଅପେକ୍ଷାରେ ଶ୍ରୀମନ୍ଦିର
ଭକ୍ତରଲୋତକ ଧାର
ଆରବର୍ଷକୁ ପୁଣି ଅପେକ୍ଷା
ଏବେ ନୀଳାଦ୍ରି ବିଜେ କର ।

## ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରରୁ ମିଳିବ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ



ଭୁବନେଶ୍ୱର, ୧୮।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ ଓ ବିହାର ଦୀର୍ଘ ବର୍ଷ ହେଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିଆସୁଛନ୍ତି । ହେଲେ କେନ୍ଦ୍ର ସରକାର କୌଣସି ବି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ଦେବା ସପକ୍ଷରେ ନାହାନ୍ତି । ଏହା ବଦଳରେ ମୋଦି ସରକାର ସେହିସବୁ ରାଜ୍ୟକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିପାରନ୍ତି । ଆସନ୍ତା କେନ୍ଦ୍ର ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ଝାଡଖଣ୍ଡ ଓ ଜମ୍ମୁ-କଶ୍ମୀର ଏହି ୬ଟି ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ପେଶାଲ ପ୍ୟାକେଜ୍ ପ୍ରଦାନ କରିବା ନେଇ ଚର୍ଚ୍ଚା ହେଉଛି । ଏହି ପ୍ୟାକେଜ ବିକାଶ ସୂଚକାଙ୍କ ଆଧାରରେ ଘୋଷଣା ହେବ । ବିକାଶ ସୂଚକାଙ୍କରେ ଓଡ଼ିଶା ତଳେ ରହିଛି । ପ୍ରତିବର୍ଷ ବାତ୍ୟା ପ୍ରଭାବିତ ହେଉଥିବାରୁ ବିଜେଡି ସାଂସଦମାନେ ଅନେକ ଥର ସଂସଦରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିଛନ୍ତି । ତେଣୁ ଓଡ଼ିଶା ସମେତ ୬ଟି ରାଜ୍ୟରେ ଭିତ୍ତିଭୂମି, ଶିଳ୍ପ, ଶିକ୍ଷା, ଶକ୍ତି, କୃଷି ପ୍ରଭୃତି ପ୍ରକଳ୍ପ ଲାଗି କେନ୍ଦ୍ର ଆର୍ଥିକ ସହାୟତା ପ୍ରଦାନ କରିପାରେ । ଏଥିପାଇଁ ଏବେ ବିଚାର ବିମର୍ଶ ଚାଲିଛି । ବଜେଟ ଉପସ୍ଥାପନ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟଗୁଡିକ ସହ ଆଲୋଚନା କରି ପରାମର୍ଶ ଲୋଡିଛନ୍ତି । ଏନଡିଏ ୩.୦ ସରକାରରେ ବଡ଼ ଭାଗୀଦାର ହେଉଛନ୍ତି ଟିଡିପି ଓ (ପୃଷ୍ଠା ୭ରେ)

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ ଆସନ୍ତା ତିନି ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୮।୭
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗକୁ ଏହି ଲଘୁଚାପ କ୍ଷେତ୍ରଟି ଦକ୍ଷିଣ-ପଶ୍ଚିମ ଦିଗକୁ ବିସ୍ତାର କରି ଅଧିକ ଘନୀଭୂତ ହୋଇ ଆସନ୍ତା ଦୁଇ ଦିନ ମଧ୍ୟରେ ଉତ୍ତର-ପଶ୍ଚିମ ଦିଗ ଓଡ଼ିଶା ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ଅଛି । ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କୋରାପୁଟ ଏବଂ ମାଲକାନଗିରି



ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଚାରି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନୟାଗଡ଼ ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ସେହିପରି ଶୁକ୍ରବାର (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁଲାଇ, ଶୁକ୍ରବାର, ୨୦୨୪





# ଜଳସମ୍ପଦ ବିଭାଗ ଦୃଷ୍ଟି ଆଢୁଆଳରେ ରେବନଦୀ : ଅସ୍ତିତ୍ୱ ହରାଇବା ପୂର୍ବରୁ ସଂସ୍କାର ହେଉ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ବୃହତ୍ ଜଳ ନିଷ୍କାସନ ପଥ ଭାବେ ପରିଗଣିତ ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ରେବନଦୀ ଧୀରେ ଧୀରେ ଅସ୍ତିତ୍ୱ ହରାଇଲାଣି । କେଉଁ ଆବାହମାନ କାଳରୁ ଉକ୍ତ ନଦୀଟି ପଡ଼ୋଶୀ ହାଟଡିହି ବ୍ଲକ୍ ଅଞ୍ଚଳରୁ ବାହାରିଥିଲା । ପ୍ରଥମେ ଏହା ଡ୍ରେନେଜ୍ ନାଳ ସଦୃଶ ସୃଷ୍ଟି ହୋଇଥିବାବେଳେ ପରେ ପରେ ଏହା ଏକ କ୍ଷୁଦ୍ର ନଦୀର ରୂପ ନେଇଥିଲା । ସେତେବେଳେ ବର୍ଷାଦିନେ ଏହି ନଦୀରେ ବର୍ଷାଜଳ ପ୍ରବାହିତ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା, ତା'ଠାରୁ ବେଶି ଗୁରୁତ୍ୱ ବହନ କରୁଥିଲା ଚାଷୀମାନେ ଏହା ଉପରେ ନିର୍ଭର କରି ବାରମାସୀ ପନିପରିବା ଚାଷ କରିବା । ଧୀରେଧୀରେ ଆଧୁନିକ ଶୈଳୀରେ ଚାଷକାର୍ଯ୍ୟର ରୂପରେଖ ବଦଳିଥିବା ବେଳେ ଲୋକେ ପ୍ରାୟ ବାରମାସୀ ଚାଷରୁ ମୁହଁ ଫେରାଇ ଦେଇଛନ୍ତି । ଏବେ କେବଳ ଖରିଫ ଧାନ ଚାଷ ପ୍ରାୟ ହେଉଥିବାବେଳେ ନଦୀଟି ସତେ ଯେମିତି ଉକ୍ତ ଅଞ୍ଚଳ ପାଇଁ ଅଲୋଡ଼ା ହୋଇପଡ଼ିଛି । ଏବେ କେବଳ ବର୍ଷା ଚାରିମାସ ଏହି ରେବ ନଈଟି ଅଞ୍ଚଳର ଜଳ ନିଷ୍କାସନ ପଥ ଭାବେ କାର୍ଯ୍ୟ କରୁଛି । ହାଟଡିହି ଓ ବନ୍ତ ବ୍ଲକ୍‌ର ଅର୍ଦ୍ଧାଧିକ ଚାଷଜମିର ଉଦ୍‌ବୃତ ଜଳ ଏହି ନଦୀରେ ନିଷ୍କାସିତ ହେଉଛି । ଏହାଛଡ଼ା ଭଣ୍ଡାରିପୋଖରୀ ବ୍ଲକ୍‌ର ସାନ ଶାସନ, ରାଜେନ୍ଦ୍ରପୁର, ନାଆମୀ, ପାଟୁଳି, ନଗୁଆଁ, ନିର୍ଗୁଣ୍ଡି, ଜଳମଣ୍ଡୁଆ ପ୍ରମୁଖ ପଞ୍ଚାୟତ ଅଞ୍ଚଳର ପାଣି ମଧ ରେବ ନଦୀରେ ପ୍ରବେଶ କରେ । ନଦୀର ଶେଷ ଅଂଶ ଧାମନଗର ବ୍ଲକ୍‌ର ଅସୁରାଳି ଓ ସହୀଦନଗର ଅଞ୍ଚଳକୁ ଛୁଇଁଥିବାବେଳେ ଅନ୍ତିମ ଭାଗ ସମୁଦ୍ରକୁ ସଂଯୋଗ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଦୀର୍ଘ ପଥ ଅତିକ୍ରମ କରିଥିବା ନଦୀ ଗର୍ଭରେ ଏବେ ଜଙ୍ଗଲ ସୃଷ୍ଟି ହୋଇଗଲାଣି । ଅନେକ ସ୍ଥାନରେ ଲତା ଗୁଳ୍ମ ଭର୍ତ୍ତି ହୋଇଯାଇଥିବାବେଳେ କିଛି ଜାଗାରେ ମଧ ଛୋଟବଡ ବୃକ୍ଷମାନ ସୃଷ୍ଟି ହୋଇଗଲାଣି । ପରିସ୍ଥିତି ଏଭଳି ହେଲାଣି ଯେ ପଠା ସହିତ ନଦୀ ଉପରେ ଦୃଷ୍ଟି ପକାଇଲେ ଏହା ଏକ ଜଙ୍ଗଲର ଭ୍ରମ ସୃଷ୍ଟି ହେଉଛି । ନଦୀର ଏଭଳି ଅବସ୍ଥା ଯୋଗୁଁ କିଛିବର୍ଷ ହେବ ଏଥିରେ ଜଳ ନିଷ୍କାସନ ହେବା କଷ୍ଟସାଧ ହୋଇପଡୁଛି । ଫଳରେ ଅଧିକ ବର୍ଷା ହେଲେ ନଈ ପାର୍ଶ୍ୱବର୍ତ୍ତୀ ଗାଁଗୁଡିକରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏପରିକି ଠିକ୍ ସମୟରେ ଜଳ ନିଷ୍କାସନ ନହେବା କାରଣରୁ ଅନେକ ଦିନ ଧରି ଚାଷ ଜମି ଗୁଡିକ ବୁଡି ରହୁଛି । ମୋଟାମୋଟି ଭାବେ ନଦୀପଥଟି ସଂକୁଚିତ ହୋଇଯାଉଥିବାବେଳେ ଏହାଦ୍ୱାରା ଜନବସତି ଓ କୃଷି କ୍ଷେତ୍ର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛି । ତେଣୁ ଏହା ଉପରେ ଜଳ ସଂପଦ ବିଭାଗ ଦୃଷ୍ଟି ଦେଇ ରେବନଦୀ ସଂସ୍କାର ଆଣିପାରିଲେ ହଜାର ହଜାର ଲୋକ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି ।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଠାରୁ ଅଢ଼େଇ ଲକ୍ଷ ଟଙ୍କା ଲୁଟ୍ : ୬ ଲୁଟେରା ଗିରଫ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଥାନା ଅନ୍ତର୍ଗତ କଞ୍ଚନପୁର ଠାରେ ଥିବା ଲାଗୁରୀ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଠାରୁ ବନ୍ଧୁକ ଦେଖାଇ ଅଢେଇ ଲକ୍ଷ ଟଙ୍କା ଲୁଟ୍ ହେବା ଘଟଣାରେ ଚମ୍ପୁଆ ପୋଲିସ ୬ଜଣ ଲୁଟେରାଙ୍କୁ ଗିରଫ କରି ଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ରାତି ପ୍ରାୟ ଦୁଇଟା ତିରିଶ ମିନିଟ ସମୟରେ ଲାଗୁରୀ ପେଟ୍ରୋଲ ପମ୍ପ ରେ ଆଠ ଜଣ ଦୁର୍ବୃତ୍ତ ପହଞ୍ଚି ସେଠାରେ ଡ୍ୟୁଟିରେ ଥିବା ତିନିଜଣ କର୍ମଚାରୀ ହରିଶ ତାସମୟ, ସୁରଜ ଲୁଗୁନ ଓ ରାଜେଶ ମୁଣ୍ଡାଙ୍କୁ ବନ୍ଧୁକ ମୁନରେ ମୁଣ୍ଡ ଜାମିନ କରିବା ସହ ଗୋଟିଏ ଘରେ ଭର୍ତ୍ତି କରି ବାହାର ପଟୁ ତାଲା ପକାଇ ଦେଇଥିଲେ । ସେହି ସମୟରେ ପେଟ୍ରୋଲ ପମ୍ପ ର ସଟର ଅଧା ଖୋଲା ଥିବା ବେଳେ ସଟର ଟେକି କ୍ୟାସ କାଉଣ୍ଟର ରେ ଥିବା ଦୁଇ ଲକ୍ଷ ଚଉରାଳିଶି ହଜାର ନଅ ଶହ ଟଙ୍କା , ପେଟ୍ରୋଲ ପମ୍ପ ସିସିଟିଭିର ହାର୍ଡଡିସ୍କ ସହିତ କର୍ମଚାରୀଙ୍କ ନିକଟରୁ ତିନୋଟି ମୋବାଇଲକୁ ମଧ ଲୁଟ୍ କରି ନେଇ ଯାଇଥିଲେ । ଡକାୟତି ଖବର ପାଇ ଚମ୍ପୁଆ ପୋଲିସର ପାଟ୍ରୋଲିଂ ଗାଡି ପହଞ୍ଚିଥିଲା । ତେବେ ସେତେବେଳକୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିଲେ । ପେଟ୍ରୋଲ ପମ୍ପ ମାଲିକ ଯୁଗଳ ଚାତମ୍ବା ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଚମ୍ପୁଆ ପୋଲିସ ଯୋଡ଼ା, ବଡ଼ବିଲ ଓ ଝାଡ଼ଖଣ୍ଡ ଅଞ୍ଚଳରେ ଚଢ଼ଉ କରି ଯୋଡ଼ା କୁନ୍ଦୁରନାଲା ବସ୍ତିର ବାପି ପାତ୍ର, ରାଜୁ ମହାକୁଡ଼, ଝାଡ଼ଖଣ୍ଡ ଜଗନ୍ନାଥପୁରରୁ ରଞ୍ଜନ ଗୋପ, ରୁଗୁଡ଼ି ଥାନା ଅଞ୍ଚଳର ନନ୍ଦଲାଲ ପାତ୍ର ଓ ଚମ୍ପୁଆ ଥାନା କୋଦଗାଡ଼ିଆ ଗ୍ରାମର ସୁମିତ ଲୋହାରକୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ନଗଦ ୫୦ ହଜାର ଟଙ୍କା ୭ଟି ମୋବାଇଲ, ୩ଟି ବାଇକ୍ ଓ ଗୋଟିଏ ବସ୍ ଜବତ କରିଥିବା ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଛତିଶଗଡ଼ର ଖେଳ, ଓଡ଼ିଶା ପାଇଁ କାଳ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ବର୍ଷା ସମୟ ଆସିବାପରେ ଛତିଶଗଡ଼ ସରକାର କଲ୍‌ମା ବ୍ୟାରେଜ୍‌ର ସମସ୍ତ ୬୬ଟି ଗେଟ୍ ଖୋଲି ଦେଇଛନ୍ତି । ଅକ୍ଟୋବରରେ ପୁଣି ସବୁ ଗେଟ୍ ବନ୍ଦ କରିଦେବେ । ମୌସୁମୀ ଋତୁରେ କଲ୍‌ମାର ସବୁ ଗେଟ୍ ପୂରା ଖୋଲା ରହୁଥିବା ବେଳେ ଅଣମୌସୁମୀ ସମୟରେ ପୂରା ବନ୍ଦ ରଖାଯାଉଛି । ଗତ ୨୦୧୭ ମସିହାଠାରୁ ଏହି ଧାରା ଚାଲିଆସୁଛି । ମହାନଦୀ ଜଳ ବିବାଦ ଏବେ ଟ୍ରିବ୍ୟୁନାଲ ବିଚାରାଧୀନ ରହିଥିବା ବେଳେ ଛତିଶଗଡ଼ ସରକାର ଏବେ ଜଳଯୋଗାଣ ନିମନ୍ତେ ଏହି ବ୍ୟାରେଜ୍ ଉପରେ ପ୍ରାୟ ୨୦ ପ୍ରକଳ୍ପ ନିର୍ମାଣ କରୁଥିବା ଜଣାପଡ଼ିଛି । ବ୍ୟାରେଜ୍‌ରୁ ଶିଳ୍ପାନୁଷ୍ଠାନ ପାଣି ଟାଣୁଥିବା ବେଳେ ଏବେ ଜଳଯୋଗାଣ ବି ପାଣି ଟଣାଯିବ । ଆଉ ଏହାର ଆଳ କରି ଆଗାମୀ ଦିନରେ ଅଣମୌସୁମୀ ଋତୁ ଆଦୌ ପାଣି ନଛାଡ଼ିବାକୁ ଯୋଜନା ରଖିଥିବା ଜଣାପଡ଼ିଛି ।

# ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ : ଅଭିଯୁକ୍ତ ଅଟକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ । ମୟୂରଭଞ୍ଜ ଜିଲ୍ଲା ୧୮ ନମ୍ବର ଜାତୀୟ ରାଜପଥରେ ରାତିରେ ଯାଉଥିବା ଦୀପମାଲା ବସ୍‌ରୁ ଚୋରା ଗଞ୍ଜେଇ ଜବତ ହୋଇଛି । ଉଭୟ ବେତନଟୀ ଓ ବୈଶିଙ୍ଗା ପୋଲିସ୍ ବସ୍‌ରୁ ଗଞ୍ଜେଇ ଜବତ କରିଛନ୍ତି । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି । ଏହି ଚୋରା ଗଞ୍ଜେଇ କେଉଁଠୁ ଆସିଲା ଏବଂ କାହା ପାଖକୁ ଯାଉଥିଲା ତା'ର ତଦନ୍ତ ଚାଲିଛି । ସମ୍ପୂର୍ଣ୍ଣ ତଦନ୍ତ ପରେ ଏହି ଚୋରା ଗଞ୍ଜେଇ ଚାଲାଣ ଘଟଣାର ତଥ୍ୟ ଦିଆଯିବ ବୋଲି ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି ।

# ପୁଅ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବାପା

**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା କେପି ଲାଖରାଜ ପଞ୍ଚାୟତର ଚଣ୍ଡୀପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଋଣ ଚିନ୍ତାରେ ଗୋଟିଏ ପରିବାରର ୩ ଜୀବନ ଯାଇଛି । ଋଣ ଭାରାକ୍ରାନ୍ତ ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ପୁଅ ମୃତ୍ୟୁ ଖବର ଶୁଣି ବାପା ଆଖି ବୁଜିବା ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ, ଚଣ୍ଡୀପୁର ଗ୍ରାମର ସ୍ୱରୁପାନନ୍ଦ ଗୋସ୍ୱାମୀ ଏବଂ ତାଙ୍କ ସ୍ତ୍ରୀ ସୁଶ୍ରୀ ସଂଗୀତା ଦେବଗୋସ୍ୱାମୀ କିଛି ଅର୍ଥ ଲଗାଣକାରୀ ସଂସ୍ଥା ସମେତ ସ୍ୱୟଂସହାୟିକା ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ଆଣି ହଲର୍ ମେସିନ, ମୁଢ଼ି ମିଲ୍, ହଳଦୀ ପ୍ୟାକିଂ ମେସିନ ବସାଇ ପରିବାର ପ୍ରତିପୋଷଣ କରିଆସୁଥିଲେ । ମାତ୍ର ଉକ୍ତ ସଂସ୍ଥାଗୁଡ଼ିକ କ୍ଷତିରେ ଚାଲିବା ଫଳରେ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ । ଋଣ ଲଗାଣକାରୀ ସଂସ୍ଥାର ବାରମ୍ବାର ତାଗିଦା ଏବଂ ଜୁଲମ୍ ଯୋଗୁ ଗତ ବୁଧବାର ବିଳମ୍ବିତ ରାତିରେ ଉକ୍ତ ଦମ୍ପତି ବିଷ ପିଇ ଦେଇଥିଲେ । ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ନୀଳଗିରି ହସ୍ପିଟାଲ ଓ ପରେ ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଉତ୍ତମ ଚିକିତ୍ସା ପାଇଁ ପରିବାର ଲୋକ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ସଂଗୀତାଙ୍କ ମୃତ୍ୟୁ ଘଟିଥିଲା । ଶନିବାର ରାତି ପ୍ରାୟ ୨ଟା ୧୫ ମିନିଟ୍‌ରେ ସ୍ୱରୁପାନନ୍ଦଙ୍କ ମଧ ମୃତ୍ୟୁ ହୋଇଥିଲା । ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ । ତେବେ ରବିବାର ସକାଳେ ପୁଅ ମୃତ୍ୟୁ ଖବର ଜାଣିବା ପରେ ସ୍ୱରୁପାନନ୍ଦଙ୍କ ବାପା ଜୟକୃଷ୍ଣ ନନ୍ଦଦେବ ଗୋସ୍ୱାମୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ମୃତ ଦମ୍ପତିଙ୍କ ଗୋଟିଏ ପୁଅ ଓ ଗୋଟିଏ ନାବାଳିକା ଝିଅ ମା'ବାପାଙ୍କୁ ହରାଇ ବେସାହାରା ହୋଇପଡ଼ିଛନ୍ତି ।

# ଗୋଟିଏ ଦିନ ଲାଇଟ୍ ଜଳି ପୁଣି ଅନ୍ଧାର ହେଲା ଜାତୀୟ ରାଜପଥ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥରେ ଲଗାଯାଇଥିଲା ଲାଇଟ । ଏହି ଲାଇଟ ଦୀର୍ଘ ଦିନ ଧରି ନଜଳିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ଜୁଲାଇ ଆଠ ତାରିଖ ଏହି ଲାଇଟ ଜଳିଥିଲା । ଫଳରେ ବଜାରବାସୀ ସେମାନଙ୍କର ବହୁ ଦିନର ଆବଶ୍ୟକତା ମେଣ୍ଟିଥିବାରୁ ଖୁସି ବ୍ୟକ୍ତ କରିଥିଲେ । ଏମିତିକି ବିଭାଗୀୟ ଅଧିକାରୀଙ୍କ କୃତଜ୍ଞତା ଜ୍ଞାପନ କରିଥିଲେ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ଲାଇଟ ଗୁଡିକ ମାତ୍ର ଗୋଟିଏ ଦିନ ଜଳିବା ପରେ ଏବେ ଅନ୍ଧାର । ଯାହାକୁ ନେଇ ସାମାଜିକ କର୍ମୀ ତଥା ଯୁବ ନେତା ରାକେଶ କୁମାର ସାହୁ ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି । ଜନସାଧାରଣଙ୍କ ପ୍ରତି ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ଅସୁବିଧା ଘଟିଛି । ତ୍ୱରିତ ସବୁ ଦିନ ରାତ୍ରିରେ ଉକ୍ତ ଲାଇଟ ଜଳିବାର ବ୍ୟବସ୍ଥା ବିଭାଗ ନ କଲେ ଏକ ବଡ଼ଧରଣର ଅନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ତେଣୁ ରାଜପଥ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଲାଇଟ ଜଳାଇବାକୁ ସବୁ ସ୍ତରରୁ ଦାବି ହୋଇଛି ।

# ନିଆଁ ଲାଗି ଦୋକାନ ଭସ୍ମୀଭୂତ

**ପିପିଲି, ନ୍ୟୁଜ୍‌ବ୍ୟୁରୋ**

ଦାଣ୍ଡମୁକୁନ୍ଦପୁର ବାଜରରେ ବିଳମ୍ବିତ ରାତିରେ ନିଆଁ ଲାଗି ୧୦ଟି ଦୋକାନ ପୋଡି ପାଉଁସ ହୋଇଯାଇଛି । ନିଆଁ ଲାଗି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି । ଗ୍ରୋସରୀ ଦୋକାନ, ଭେରାଇଟ ଷ୍ଟୋର, ଦୁଇଟି ପରିବା ଦୋକାନ, ଜଳଖିଆ ଦୋକାନ, ପାନ ଦୋକାନ, ଡ୍ରେସ୍ ଦୋକାନ, ମାଛ ଦୋକାନ ପୋଡି ପାଉଁଶ ହୋଇଯାଇଛି । ସଟ୍ ସର୍କିଟରୁ ନିଆଁ ଲାଗିଥିବା ସୂଚନା ମିଳିଛି । ଦମକଳ ପହଞ୍ଚିବାରେ ବିଳମ୍ବ ହେବାରୁ ନିଆଁ ବ୍ୟାପିଯାଇଥିଲା । ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି ।

# ସୀମାନ୍ତରୁ ୩ ବାଂଲାଦେଶୀ ଅନୁପ୍ରବେଶକାରୀ ଗିରଫ

**ଉତ୍ତର ଦିନାଜପୁର**

ଭାରତ-ବାଂଲାଦେଶ ସୀମାରେ ଛାଉଣି ଉତ୍ତର ବଙ୍ଗଳା ଫ୍ରଣ୍ଟିୟରର କିଶନଗଞ୍ଜ ସେକ୍ଟରର ୭୨ତମ ବାଟାଲିୟନ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ବର୍ଡ଼ର ଆଉଟ ପୋଷ୍ଟ(ବିଓପି) ବୋର୍ଗାର ସୀମା ପ୍ରହରିମାନେ ତିନି ବଙ୍ଗଳାଦେଶୀ ନାଗରିକଙ୍କୁ ଅନୁପ୍ରବେଶ କରିବା ସମୟରେ ଧରିଛନ୍ତି । ବିଏସ୍‌ଏଫ୍ ଅନୁଯାୟୀ ଧରାପଡ଼ିଥିବା ବାଂଲାଦେଶୀ ନାଗରିକଙ୍କ ନାମ ରୋବିଉଲ(୩୧), ମୋହମ୍ମଦ ଫରିଦ(୨୫) ଏବଂ ମୋହମ୍ମଦ ସୈମୁଲ(୧୮) ଅଟେ । ତିନି ବଙ୍ଗଳାଦେଶୀ ନାଗରିକଙ୍କୁ ସେହି ସମୟରେ ଧରାଯାଇଥିଲା, ଯେତେବେ ସେ ଅବୈଧ ରୂପେ ଭାରତରୁ ବାଂଲାଦେଶ ସୀମା ପାର କରିବାକୁ ଚେଷ୍ଟା କରୁଥିଲେ । ତଲାଶୀ ନେବା ପରେ ବିଏସ୍‌ଏଫ୍ ୫୦ ବୋତଲ ପ୍ରତିବନ୍ଧିତ କଫ୍‌ସିରପ ଜବତ କରିଛି । ଧରାଯାଇଥିବା ତିନି ବଙ୍ଗଳାଦେଶୀ ନାଗରିକଙ୍କୁ ଜବତ ଜିନିଷ ସହିତ କରଣଦିଘୀ ଥାନାକୁ ପ୍ରଦାନ କରାଯାଇଛି ।

# ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଢେପଗୁଡାର ବିକାଶ ହିଆଲ । ପୋଲିସ ସୁଚନାନୁଯାୟୀ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲା । ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତରୁ ଜାଣି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି ।

# ବିଏସ୍‌କେୱାଇରୁ ବାଦ୍ ପଡ଼ିଲା ତ୍ରିଶା ହସ୍ପିଟାଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିକାରୁ ତ୍ରିଶା ହସ୍ପିଟାଲ ବାଦ୍ ପଡ଼ିଛି । ଯାଞ୍ଚ ପ୍ରକ୍ରିୟା ଜାରି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଗତକାଲି କଟକ ସ୍ଥିତ 'ତ୍ରିଶା' ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ପରେ ଏକାଧିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ମଧ୍ୟରୁ କଟକ ଶିଶୁଭବନରେ ୧୦ ଜଣ, ଏସ୍‌ସିବି ଏନଆଇସିୟୁରେ ୩ ଜଣ, ଆଇସିୟୁରେ ୪ ଜଣ ଓ ୱାର୍ଡରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ରବିବାର ଜଣେ ୧୧ ଦିନର ଶିଶୁର ମୃତ୍ୟୁ ଘଟିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯାଉଛି ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ : ଜଣେ ଗିରଫ

**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**

ନୀଳଗିରିରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ । ନୀଳଗିରି ଅବକାରୀ ଓ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍ ବିଭାଗ ପକ୍ଷରୁ ନୀଳଗିରି ଘାଟଘରସାହି ଠାରେ ଚଢ଼ଉ କରି ଲକ୍ଷେ ପଚିଶ ହଜାର ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ ହୋଇଛି । ଯାହାର ଓଜନ ପ୍ରାୟ ୧୨ କିଲୋ ୫୦୦ ଗ୍ରାମ ଅଟେ । ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

# ପ୍ରସୂତି ମୃତ୍ୟୁ ଘଟଣାରେ ଦୁଇ ନର୍ସିଂ ଅଧିକାରୀଙ୍କ ବଦଳି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଏମ୍‌ସିଏଚ୍ (ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଶାଖା)ରେ ଗତ ୩ ତାରିଖ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ୨ ନର୍ସିଂ ଅଫିସରଙ୍କୁ ପ୍ରସୂତି ବିଭାଗରୁ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ୍ ୱାର୍ଡକୁ ବଦଳି କରାଯାଇଛି । ଘଟଣା ପରେ ସଂପର୍କୀୟଙ୍କ ଦ୍ୱାରା ଡାକ୍ତରଖାନା ପରିସରରେ ବିକ୍ଷୋଭ ଓ ପ୍ରତିବାଦ କରାଯିବା ପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲା । ଜିଲ୍ଲା ମୁଖ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ତାଙ୍କ କାର୍ଯ୍ୟାଳୟର ଆଦେଶ ନମ୍ବର ୭୭୭୮/୬-୭-୨୪ ତାରିଖରେ ଏହି ୨ ଜଣ ନର୍ସିଂ ଅଫିସର ସଞ୍ଜୁଲତା ଲେଙ୍କା ଓ ଉଷାମଣି ମହାପାତ୍ରଙ୍କୁ ମେଲ୍ ମେଡିସିନ୍ ଓ ଫିମେଲ ମେଡିସିନ୍ ୱାର୍ଡକୁ ବଦଳି କରିଥିଲେ । ତେବେ ଦୀର୍ଘ ୬ ଦିନ ହେବ ଏହି ଆଦେଶ କାର୍ଯ୍ୟକାରୀ ହେଉନଥିବାବେଳେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରସାରଣ ପରେ ଗତ ୬ ତାରିଖରେ ନର୍ସିଂ ଅଫିସର ଦ୍ୱୟଙ୍କୁ ହୋଇଥିବା ବଦଳି ଆଦେଶକୁ କାର୍ଯ୍ୟକାରୀ କରାଯାଇଥିବା ଜଣା ଯାଇଛି । ତେବେ ଏହି ଚିକିତ୍ସା ଅବହେଳାରେ ପ୍ରସୂତିଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡ଼ିଛି । ଘଟଣାର ପରଦିନ ଏହି ଅବହେଳା ଘଟଣା ନେଇ ମୃତାଙ୍କ ସ୍ୱାମୀ ବାଣିତିଆ ଗାଁର ବୈରାଗୀ ଦାଶଙ୍କ ଏତଲା କ୍ରମେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ୍ ଏକ ମାମଲା (ନଂ ୪୪୧/୨୪, ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ ଓ ୩(୫) ରୁଜୁ କରିଥିଲା । ଡାକ୍ତର ଖଗେଶ୍ୱର ମାରାଣ୍ଡି ଓ ଡାକ୍ତର ସୌଦାମିନୀ ଧଳଙ୍କ ସହ କାର୍ଯ୍ୟରତ ନର୍ସିଂ ସଂଜୁଲତା ଲେଙ୍କା ନାମରେ ମାମଲା ହୋଇଥିଲା । ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଦେଶକ୍ରମେ ଜିଲ୍ଲା ମେଡ଼ିକାଲ ଅଫିସର ସଂପୃକ୍ତ ଡାକ୍ତର ଦ୍ୱୟଙ୍କ ସହ ୨ ଜଣ ନର୍ସିଂଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଥିଲେ । ଆଉ ଏହି ଚିକିତ୍ସା ଅବହେଳା ଘଟଣା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦିଆଯାଇଥିଲା । ତେବେ ବାସ୍ତବ କ୍ଷେତ୍ରରେ ଚିକିତ୍ସାରେ ଅବହେଳା ନେଇ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନି କି ମୃତକଙ୍କ ପରିବାରକୁ ଟଙ୍କାଟିଏ ସରକାରୀ ଆର୍ଥିକ ସହାୟତା ପ୍ରଦାନ କରାଯାଇନି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ପ୍ରଶାସନ ଶୁଣିଲାନି : ଦିନ ବେଳା ଭାରୀଯାନ ଚଳାଚଳକୁ ଅଟକାଇଲେ ଲୋକେ

**ବନ୍ତ, ନ୍ୟୁଜ୍‌ବ୍ୟୁରୋ**

ବାରମ୍ବାର ଦୁର୍ଘଟଣା ଯୋଗୁଁ ବନ୍ତ ଓ ଆଗରପଡ଼ା ଅଞ୍ଚଳରେ ଭାରୀଯାନ ଚଳାଚଳକୁ ବିରୋଧ କରାଯାଉଥିଲା । ଅଞ୍ଚଳବାସୀ ଏକାଧିକ ବାର ଥାନା ଓ ତହସିଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ ଯାନବାହନ ଚଳାଚଳ ବନ୍ଦ ନେଇ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲେ । ବାଧ ହୋଇ ଅଞ୍ଚଳବାସୀ ବଜାର ଦେଇ ଯାଉଥିବା ବାଲି ବୋଝେଇ ଭାରୀଯାନଗୁଡ଼ିକୁ ଆଗରପଡ଼ାର ପ୍ରବେଶ ପଥ ମହିଳା ମହାବିଦ୍ୟାଳୟ ନିକଟରେ ଅଟକାଇ ପୁଲିସ ପ୍ରଶାସନକୁ ଅବଗତ କରାଇଥିଲେ । ଯୁବ ଆଇନଜୀବୀ ଚିନ୍ମୟ କୁମାର ମହାପାତ୍ର, ବିଜେପି ନେତା ବୁଟୁ ପାଢୀ, ପ୍ରଫୁଲ୍ଲ ମହାନ୍ତି, ଗୋପାଳକୃଷ୍ଣ ଦାଶ, ଅଶୋକ ପରିଡ଼ା, ଅମୂଲ୍ୟ ରତ୍ନ ନନ୍ଦ, ସୁଭେନ୍ଦୁ ବେହେରା, ସାମାଜିକ କର୍ମି କାର୍ତ୍ତିକ ମହାପାତ୍ର, କାଠିଆ ପାଢୀ, କାହ୍ନୁ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ସକାଳ ୮ଘଟିକାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ବଜାରଅଞ୍ଚଳ ଦେଇ ଭାରିଯାନ ଚଳାଚଳକୁ ବନ୍ଦ ରଖିବାକୁ ପ୍ରଶାସନକୁ ନିବେଦନ କରାଯାଇଛି । ଆଗକୁ ପ୍ରଶାସନ କି ପ୍ରକାର ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା । ପ୍ରକାଶ ଯେ ହାଟଡ଼ିହି ଅଞ୍ଚଳର ଏକାଧିକ ବାଲି ଘାଟରୁ ଦୈନିକ ଶତାଧିକ ଭାରିଯାନଗୁଡ଼ିକ ବନ୍ତ ଓ ଆଗରପଡ଼ା ବଜାର ଦେଇ ଯା' ଆସ କରି ଆସୁଛି । ବିଗତ ୨ବର୍ଷ ମଧରେ ଦୁର୍ଘଟଣାରେ ବନ୍ତ ଅଞ୍ଚଳର ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ଏକାଧିକ ଗୁରୁତ୍ୱର ହୋଇଛନ୍ତି । ଅଞ୍ଚଳବାସୀଙ୍କ ଆନ୍ଦୋଳନ ଓ ରାସ୍ତା ରୋକ ଫଳରେ ଜିଲ୍ଲା ପ୍ରଶାସନ ବନ୍ତ ବଜାର ଦେଇ ଦିନ ବେଳା ଭାରୀଯାନ ଚଳାଚଳ ବନ୍ଦ ରଖିଛି । ଏହାର ସୁଯୋଗରେ ଘାଟ ନିଲାମଧାରୀ ଓ ଗାଡ଼ିମାଲିକମାନେ ବିଭିନ୍ନ ସ୍ଥାନରେ ମୋଟା ଅଙ୍କର ବଟି ଦେଇ ଆଗରପଡ଼ା ମୁଖ୍ୟ ବଜାର ମଧରେ ବାଲି ବୋଝେଇ ଭାରୀଯାନକୁ ଚଳାଚଳ କରି ଆସୁଛନ୍ତି । ଗତ ୩ ମାସ ମଧରେ ସଂପୃକ୍ତ ଅଞ୍ଚଳରେ ଏକାଧିକ ଛୋଟ ବଡ଼ ଦୁର୍ଘଟଣା ଘଟିବା ପରେ ପ୍ରଶାସନ ଯାନବାହନ ଚଳାଚଳ ବନ୍ଦ ନେଇ କୌଣସି କିଛି ପଦକ୍ଷେପ ଗ୍ରହଣ ନ କରିବାରୁ ବାଧ ହୋଇ ଅଞ୍ଚଳବାସୀ ଏପରି ପଦକ୍ଷେପ ନେଲେ ବୋଲି ସମାଜକୁ କହିଛନ୍ତି ।

# ପୋଲିସ କର୍ମଚାରୀଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଗରାପୁର ଠାରେ ଥିବା ଆରକ୍ଷୀ ଅଧିକ୍ଷକଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟ ରାସ୍ତା ଉପରେ ଦୀର୍ଘ ବର୍ଷ ହେଲା ଅଦରକାରୀ ଗଛଗୁଡ଼ିକ ରାସ୍ତାକୁ ଅବରୋଧ କରି ଭର୍ତ୍ତି ହୋଇ ରହିଥିଲା । ଏପିଆର ପୋଲିସ କର୍ମଚାରୀମାନେ ସେଠାରେ ରହିଥିବା ଏହି ଗଛ ସହିତ ଅନେକ ଅଳିଆ ଆବର୍ଜନା କୁ ସଫା କରିଥିଲେ । ଜଗତପୁର ଚାନ୍ଦବାଲିର ଗରାପୁରର ଏହି ରାସ୍ତା ଉପରେ ଅନେକ ସ୍ଥାନରେ ଏହିଭଳି ଅଦରକାରୀ ଗଛଗୁଡିକ ରହିବା ଫଳରେ ଅନେକ ସମୟରେ ଗାଡ଼ିଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ପୋଲିସ ପକ୍ଷରୁ ନିଆଯାଇଥିବା ଏହି ସ୍ୱଚ୍ଛ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ୫୭ତମ କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଉଦ୍‌ଯାପିତ

# ମାନବୀୟ ବିକାଶ ପାଇଁ ବିଶ୍ୱଶାନ୍ତି ଅପରିହାର୍ଯ୍ୟ : ମୌଲାନା ମିର ଅବ୍ଦୁଲ ହଫିଜ୍

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**




ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଅହମଦୀୟା ମୁସଲିମ ବସ୍ତିର ଇଦଗାହ୍ ମଇଦାନରେ ୫୭ତମ କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ଜିଲ୍ଲା ସଭାପତି ଅମିରୁଦ୍ଦିନ ଖାଁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାନ୍ କହିଲେ, ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ବିଶ୍ୱଯୁଦ୍ଧ ପାଇଁ ବାଧ କରିଦେଇଛି । ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛୁ । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ବିଭିନ୍ନ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ । ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ । ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ପ୍ରଚାର ପ୍ରଭାରୀ ମୌଲାନା ମିର ଅବ୍ଦୁଲ ହଫିଜ ଇସଲାମ ଏବଂ ବିଶ୍ୱଶାନ୍ତି ବିଷୟବସ୍ତୁ ଉପରେ ମତପ୍ରକାଶ କରି କହିଲେ, ମାନବୀୟ ବିକାଶ ପାଇଁ ବିଶ୍ୱଶାନ୍ତି ଅପରିହାର୍ଯ୍ୟ । ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱଶାନ୍ତିଦୂତ ଅହମଦୀୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କର ନିରୂପିତ ଉକ୍ତ ନୀତିବାଣୀକୁ ଆପଣାଇବା ନିହାତି ଜରୁରୀ । ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦିଅନ୍ତୁ । ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ । ଅସ୍ତ୍ରଶସ୍ତ୍ର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ । ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ । ଚରମପନ୍ଥୀ ଦଳର ପ୍ରତିବାଦ କରନ୍ତୁ । ମାନବ ଜାତିର ସେବା କରନ୍ତୁ । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । ଏହା ଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା ସମ୍ଭବ ହେବ ବୋଲି ସେ ମତପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସଚିବ ଇସଲାହ ଓ ଇରଶାଦ୍ ଦକ୍ଷିଣ ଭାରତ ମୌଲାନା ଅବଦୁଲ ଓକିଲ ନିଆଜ କହିଲେ, ଧର୍ମ ସେବା ଓ ମାନବ ସେବା ହିଁ ମାଧବ ସେବା । ଶେଷରେ ସଭାପତି ଅମିରୁଦ୍ଦିନ ଖାଁ ଧନ୍ୟବାଦ ଅର୍ପଣ କରି ବିଶ୍ୱଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଇଥିଲେ । ସମ୍ମାନୀତ ଅତିଥି ଭାବେ ମୌଲାନା ନିଆଜ ଅହମଦ ନାଏକ, ରଇସୁଦ୍ଦିନ ଖାନ୍, ଶେଖ ମହମୁଦ ଅହମଦ ଏବଂ ଶବିରୁଦ୍ଦିନ ଖାଁ ଯୋଗ ଦେଇଥିଲେ ।

# ୬୫ ୟୁନିଟ୍ ରକ୍ତ ସଂଗ୍ରହ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**



ଚାରବାଟିଆ ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ଜଗନ୍ନାଥ ରଥଯାତ୍ରା କମିଟି, ଚୌଦ୍ୱାର ରକ୍ତଦାତା ସଂଘ, ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ, କେଦାରେଶ୍ୱର ଉନ୍ନୟନ ପରିଷଦ, କମ୍ୟୁନିଟି ୱେଲଫେୟାର ସେଣ୍ଟର, ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦ ଆଦି ଅନୁଷ୍ଠାନ ସମୂହର ସହଯୋଗରେ ୧୦ନଂ ୱାର୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କଟକ ରେଡକ୍ରସ ସୋସାଇଟିର କର୍ମକର୍ତ୍ତାମାନେ ମୋବାଇଲ ଭ୍ୟାନ୍ ଜରିଆରେ ରକ୍ତ ସଂଗ୍ରହ କରିଥିଲେ । ଚାରବାଟିଆ ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ୱାର୍ଡ କାଉନସିଲର ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ବୀଣାପାଣି ଦାସ, ରାଜ କିଶୋର ସାମନ୍ତରାୟ, ସଂଜିତ୍ ଜେନା, ବିରଜା ଦାସ, ଜୟନ୍ତ ସାହୁ, ରଂଜନ କୁମାର ବାରିକ, ସ୍ୱାଧୀନ ଦାସ, ବସନ୍ତ ଦାସ, ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲାର ଭଣ୍ଡାରିପୋଖରୀ ଥାନା ନେରଡା ନିକଟ ଶାଳଣିଆ କେନାଲବନ୍ଧ ଉପରେ ବୈଦ୍ୟୁତକ ଗଣମାଧମରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ଅଭିଯୁକ୍ତ ନେରଡ଼ା ଗ୍ରାମର ଜିତୁ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ଜିତୁ ଜେନା ନାମକ ଯୁବକ ଶାଳଣିଆ ଶାକା କେନାଲବନ୍ଧ ରାସ୍ତା କାମ ସଂପର୍କରେ ଖବର ପ୍ରସାରଣ ପାଇଁ ଅର୍ଗସ ଟିଭି ସାମ୍ବାଦିକ ବିଶ୍ୱଜିତ ପଲାଇଙ୍କୁ ଡାକିଥିଲେ । ପ୍ରାୟ ଏକ ସପ୍ତାହ ହେବ ଖବର ପାଇଁ ଯୁବକ ଜଣକ ଫୋନ୍ ଯୋଗେ ସାମ୍ବାଦିକଙ୍କୁ ଡାକିଥିଲେ । ତଦନୁଯାୟୀ ସାମ୍ବାଦିକ ଜଣଙ୍କ ତାଙ୍କ ସହଯୋଗୀ କ୍ୟାମେରାମେନ୍‌ଙ୍କୁ ଧରି ଦିନ ପ୍ରାୟ ୧୨ଟା ସମୟରେ ଉକ୍ତ ସ୍ଥାନରେ ପହଞ୍ଚି ନିର୍ମାଣ କାର୍ଯ୍ୟର ଭିଡିଓ ଉତ୍ତୋଳନ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ । ଏହାପରେ ବାଇଟ୍ ନେବାପାଇଁ ସାମ୍ବାଦିକ ଶ୍ରୀ ପଲାଇ ଯୁବକ ଜଣକୁ କହିଥିବାବେଳେ ସେ କ୍ୟାମେରା ସାମ୍ନାକୁ ଆସି କିଛି କହିବେ ନାହିଁ ବୋଲି କହିଥିଲେ । କେବଳ ଭିଡିଓ ରେକର୍ଡିଂ ହୋଇଥିବା ତଥ୍ୟ ଅନୁସାରେ ଜବରଦସ୍ତ ଖବର ପ୍ରସାରଣ ପାଇଁ ସାମ୍ବାଦିକଙ୍କୁ ଯୁବକ ଜଣକ କହିଥିଲେ । ଏହାଛଡ଼ା ଅନେକ ଯୁକ୍ତିତର୍କ କରିବା ସହ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବାଡ଼ି ଓ ଲୁହାରଡ୍‌ରେ ସାମ୍ବାଦିକ ଜଣଙ୍କୁ ଆକ୍ରମଣ କରିଥିଲେ । ସହଯୋଗୀ କ୍ୟାମେରାମ୍ୟାନ୍ ମଧ ଆକ୍ରମଣରୁ ବର୍ତ୍ତି ନ ଥିଲେ । କୌଶଳ କ୍ରମେ ଦୁହେଁ ସେଠାରୁ ଖସି ଆସିଥିଲେ । ସାମ୍ବାଦିକ ବିଶ୍ୱଜିତ୍ ପ୍ରାଥମିକ ଚିକିତ୍ସା ହେବା ପରେ ଏନେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ । ପୁଲିସ୍ ଅଭିଯୋଗକୁ ଭିତ୍ତିକରି ୩୦୯/୨୪ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।





# ଚୀନ୍‌ର କପଟ ଆରମ୍ଭ:କୈଳାସ-ମାନସରୋବର ରାସ୍ତାରେ କ୍ଷେପଣାସ୍ତ୍ର ଘାଟୀ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ହିମାଳୟ ପର୍ବତ ଶ୍ରେଣୀର ଭାରତ, ତିବ୍ବତ ଏବଂ ନେପାଳ ସୀମା ସଂଲଗ୍ନ ପ୍ରସିଦ୍ଧ କୈଳାସ ପର୍ବତ ହିନ୍ଦୁ ଏବଂ ବୌଦ୍ଧ ଧର୍ମାଲମ୍ବୀଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କୈଳାସ ପର୍ବତ ଶିଖର ଦେବ ଦେବ ମହାଦେବଙ୍କ ନିବାସସ୍ଥଳ ଭାବେ ହିନ୍ଦୁମାନଙ୍କ ପାଇଁ ବହୁ ଗୁରୁତ୍ୱବହନ କରୁଥିଲା ବେଳେ ଏହି ଶିଖରକୁ ଲାଗି ରହିଥିବା ମାନସରୋବର ହ୍ରଦ ମଧ୍ୟ ବେଦ, ପୁରାଣ ଅନୁସାରେ ଏକ ପବିତ୍ରସ୍ଥଳ । କାଶ୍ମୀର ଠାରୁ ଭୁଟାନ୍ ଯାଏଁ ପରିବ୍ୟାପ୍ତ କୈଳାସ ପର୍ବତ ଶ୍ରେଣୀରେ ଅବସ୍ଥିତ ଏହି ପୀଠ ଅତ୍ୟନ୍ତ ଦୁର୍ଗମସ୍ଥଳ ଭାବେ ମଧ୍ୟ ପରିଚିତ । ଏହାସତ୍ତ୍ୱେ ବହୁ ବାଧାବିଘ୍ନ ଅତିକ୍ରମ କରି ପ୍ରତିବର୍ଷ ଶହ ଶହ ହିନ୍ଦୁ ଶ୍ରଦ୍ଧାଳୁ କୈଳାସ ପର୍ବତ ଦର୍ଶନ ପାଇଁ ବାହାରଥାଆନ୍ତି । କିନ୍ତୁ ବିଗତ କିଛି ବର୍ଷ ହେଲା ହିନ୍ଦୁ ଶ୍ରଦ୍ଧାଳୁଙ୍କ ବାଟରେ ଚୀନ୍ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି । ୨୦୨୦ରେ ଲଦାଖରେ ଗଲୱାନ ସଂଘର୍ଷ ପରେ ଚୀନ୍ କୈଳାସ ପର୍ବତକୁ ଯାଇଥିବା ରାସ୍ତାକୁ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ କରିଦେଇଛି । କୈଳାସ ପର୍ବତ ଯିବାକୁ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ଦୁଇଟି ରୁଟ୍ ରହିଛି । ପ୍ରଥମଟି ନେପାଳ ଦେଇ ତିବ୍ବତ ସୀମାରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥରେ ଏହି ସ୍ଥାନରେ ପହଞ୍ଚିବାକୁ ହୁଏ । ଦ୍ୱିତୀୟ ରୁଟ୍‌ରେ ଜଣେ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡ ଦେଇ ଦର୍‌ଚୁଲା-ତାୱାଘାଟ୍-ଲିପୁଲେଖ ପାସ୍ ଦେଇ ତିବ୍ବତରେ ପହଞ୍ଚିବା ପରେ ସଡ଼କ ପଥରେ ଏହି ପର୍ବତ ପାଦ ଦେଶରେ ପହଞ୍ଚିପାରିବେ । କିନ୍ତୁ କୌଣସି ରୁଟ୍‌ରେ ଗଲେ ମଧ୍ୟ ତିବ୍ବତ ସୀମା ଅତିକ୍ରମ କରିବାକୁ ପଡୁଥିବାରୁ ଚୀନ୍ ଏଥିପାଇଁ ବାଧକ ହୋଇଛି । କାରଣ ତିବ୍ବତ ଏବେ ଚୀନ କବ୍‌ଜାରେ ରହିଛି । କେବଳ ରାସ୍ତା ବନ୍ଦ ନୁହେଁ, ଚୀନ୍ ଏଠାରେ କ୍ଷେପଣାସ୍ତ୍ର ଘାଟି ମଧ୍ୟ ନିର୍ମାଣ କରିବା ଆରମ୍ଭ କରିଛି । କେଉଁ ଆବହମାନ କାଳରୁ ଧର୍ମୀୟ ବିଶ୍ୱାସ ଅନୁସାରେ ହିନ୍ଦୁ ଶ୍ରଦ୍ଧାଳୁମାନେ କୈଳାସ ପର୍ବତ ଦର୍ଶନରେ ଯାଉଥିବାରୁ ପୂର୍ବରୁ ଭାରତ ଏବଂ ଚୀନ୍ ମଧ୍ୟରେ ଏଥିପାଇଁ ମିଳିତ ସହଯୋଗ କରିବାକୁ ବୁଝାମଣା ହୋଇଥିଲା । ଏପରିକି ଉଭୟ ଦେଶ ପକ୍ଷରୁ ନିଜ ନିଜ ସୀମାରେ କ୍ୟାମ୍ପ ଆୟୋଜନ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ଆସୁଥିଲା । ହେଲେ ୨୦୨୦ ପରେ ଚୀନ୍ କୌଣସି ବୁଝାମଣା ମାନୁନାହିଁ । ଚୀନ୍ ରାସ୍ତା ବନ୍ଦ କରିଥିବା ପ୍ରସଙ୍ଗରେ ସୂଚନା ଅଧିକାର ସୂତ୍ରରେ କେନ୍ଦ୍ର ସରକାରଙ୍କ ଠାରୁ ଉତ୍ତର ମଗାଯାଇଥିଲା ବେଳେ ଚୀନ୍ କୈଳାସ ମାନସରୋବର ରାସ୍ତା ବନ୍ଦ କରିଦେଇଛି ଏବଂ ଏଠାରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣ କରୁଛି ବୋଲି ଜବାବ୍ ମିଳିଛି ।



# ୬୦୦ କୋଟି ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଗଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାର୍ଷିକ ୨୪ ପ୍ରତିଶତ ସୁଧ ହାରରେ ରିଟର୍ଣ୍ଣ ଦେବାକୁ ପ୍ରଲୋଭିତ କରି ୬ ରାଜ୍ୟରୁ ୬୦୦ କୋଟି ଟଙ୍କା ହଡ଼ପ ମାମଲାରେ ଗିରଫ ହୋଇଥିବା ସୟଦ୍ ଜିଆଜୁର ରେହେମାନ୍ ଲାଗି ଅଡୁଆ ବଢ଼ିବ । ଗୁରୁବାର ଠାରୁ ତାକୁ ହେପାଜତ୍‌ରେ ଆଣି ଜେରାକରିବ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ଓଡ଼ିଶାରୁ ସେ କେବଳ ୧୦୦ କୋଟି ଟଙ୍କା ଠକେଇ କରିଥିବାରୁ ସେ ଦିଗରେ ତଦନ୍ତ କରାଯାଉଛି । ଏହି ଘଟଣାର ଖୋଲତାଡ଼ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରେ ପଶିଛି । ଠକେଇ ସଂକ୍ରାନ୍ତୀୟ ଏତଲା କପି ମାଗିବା ସହ ଇଓଡବ୍ଲ୍ୟୁର ତଦନ୍ତକାରୀ ଅଧିକାରୀଙ୍କ ସହ ଇଡିର ଅଧିକାରୀମାନେ ଆଲୋଚନା କରିଛନ୍ତି । ଠକେଇ ଟଙ୍କାକୁ ନେଇ କେଉଁଠି ନିବେଶ କରିଛି, ସେ ଦିଗରେ ତନାଘନା କରାଯାଉଛି । ଜିଆଜୁର ଆର୍ଥିକ ଖୋଲତାଡ଼ କରାଯିବା ସହ ସମ୍ପତ୍ତି ବାଜ୍ୟାପ୍ତି ଲାଗି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି । ସେହିପରି ଜିଆଜୁରକୁ ହେପାଜତ୍‌ରେ ଆଣିବା ପରେ ସଂସ୍ଥାର ଓଡ଼ିଶା ମୁଖ୍ୟ ମୀର୍ଜା ତାହିର୍ ବିଷୟରେ ଖୋଲତାଡ଼ କରାଯିବ । ସେ ଦୁବାଇ କିମ୍ବା ବାଲାଂଦେଶରେ ଲୁଚିଥିବା ପ୍ରାଥମିକ ଅନୁସନ୍ଧାନରୁ ପଦାକୁ ଆସିଛି । ଦୁବାଇରେ ତାର ଏକ ପୋଷାକ ତିଆରି କାରଖାନା ଥିବା ଜଣାପଡ଼ିଛି । ଧରାପଡ଼ିଥିବା ଜିଆଜୁରଙ୍କ ଦୁଇ ପତ୍ନୀଙ୍କୁ ଜେରା କରାଯିବ । ଜିଆଜୁର ଠକେଇ ଟଙ୍କାରେ ହୋଟେଲ କିଣିଛି । ସେଇ ହୋଟେଲ୍‌ର ପରିଚାଳନା ଦାୟିତ୍ୱରେ ଦୁଇ ପତ୍ନୀ ରହିଥିବାରୁ ସେମାନେ ବି ଜେରାର ସମ୍ମୁଖୀନ ହେବ ବୋଲି ସୂଚନା ମିଳିଛି । ଇଓଡବ୍ଲ୍ୟୁ ସମେତ ୫ ରାଜ୍ୟର ପୋଲିସ ଜିଆଜୁରକୁ ଜେରା କରିବା ଲାଗି ଓଡ଼ିଶା ଆସିବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ଗୁଜରାଟର ୬୨୧୯ ଜମାକାରୀଙ୍କ ଠାରୁ ଜିଆଜୁର ପ୍ରାୟ ୬୦୦ କୋଟି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । ଗିରଫଦାରୀ ଏଡ଼ାଇବା ଲାଗି ସେ ବିଦେଶ ପଳାଇଥିଲା । ତାକୁ ଧରିବାକୁ ପୋଲିସ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା । ଗୁରୁବାର ଜିଆଜୁର ଦୁବାଇରୁ କୋଲକାତା ଫେରୁଥିବା ବେଳେ ବିମାନବନ୍ଦରରେ ଇମିଗ୍ରେସନ୍ ଟିମ୍ ତାକୁ କାବୁକରି ଇଓଡବ୍ଲ୍ୟୁ ଜିମା ଦିଆଯାଇଥିଲା ।

# ସୋନପୁର ସହର ଭିତରେ ଗଞ୍ଜେଇ ଚାଷ:ପ୍ରଶାସନ ନିରବ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ ହେବା ସମସ୍ତଙ୍କୁ ଜଣା କିନ୍ତୁ ସୋନପୁର ସହର ଭିତରେ ଥିବା ସରକାରୀ କଲ୍ୟାଣମଣ୍ଡପ ବା ପରିଚୟ ଗୃହ ପରିସରରେ ହୋଇଛି ଗଞ୍ଜେଇ ଚାଷ, ତାହା ପୁଣି ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ଦୂରରେ । ହେଲେ ଏ ସମ୍ପର୍କରେ ଅବକାରୀ ବିଭାଗ ପାଖରେ କୌଣସି ଖବରନାହିଁ । ଏପରି ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାର ମଧ୍ୟ ଭାଗରେ ରହିଛି ଦୈନିକ ବଜାର ଏଇଠି ପୌର ପରିଷଦ ପକ୍ଷରୁ ନିର୍ମାଣ ହୋଇଛି କଲ୍ୟାଣ ମଣ୍ଡପ । ଏହା ଖାଲିରହୁଥିବ ଯୋଗୁଁ ଏଠାରେ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଇଥାଆନ୍ତି । କିଏ ଏଠାରେ ଗଞ୍ଜେଇ ମଞ୍ଜି ପକାଇଥିଲା ନା ଗଞ୍ଜେଇ ଗଛ ଲଗାଇଥିଲା ତାହା ତଦନ୍ତ ହେଲେ ଜଣାପଡିବ । ସେହି କଲ୍ୟାଣମଣ୍ଡପ ପରିସରରେ ଗଞ୍ଜେଇ ଚାଷ ହୋଇଛି । ଗୋଟିଏ କି ଦୁଇଟି ନୁହେଁ, ୧୦ରୁ ଅଧିକ ଗଛ ଲାଗିଥିବା ଦେଖିବାକୁ ମିଳିଛି । ଯେଉଁ ଗଛ ଗୁଡ଼ିକ ଲାଗିଛି, ତାହାର ଉଚ୍ଚତା ୩ରୁ ୪ ଫୁଟ୍‌ରୁ ଅଧିକ ହେବ । ଗଛ ଗୁଡ଼ିକ ପାଖାପା ୩ ମାସର ହେବ ବୋଲି ଅନୁମାନ କରାଯାଉଛି । ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ଦୂରତାରେ ଏହି ଗଞ୍ଜେଇ ଚାଷ ହୋଇଛି । ତେବେ ସେହି ଗଞ୍ଜେଇ ଗଛ କିଏ ରୋପଣ କରିଛି, ତାହା ଜଣାପଡ଼ିନାହିଁ । ସବୁଠାରୁ ବଡ଼କଥା ହେଉଛି ଗତ କିଛିଦିନ ହେଲା କଲ୍ୟାଣମଣ୍ଡପ ପାଚେରୀର ରଙ୍ଗ ଦିଆଯାଉଛି । କ୍ୟାମ୍ପସ ପରିସର ଓ ବାହାରେ ସଫେଇ କରାଯାଉଛି । ଅତି ଯତ୍ନର ସହକାରେ ଗଞ୍ଜେଇ ଗଛ ଚାରି ପାର୍ଶ୍ୱରେ ଥିବା ଅନାବନା ଲତା ଗୁଡ଼ିକ କଟାଯାଇଛି । ହେଲେ ସେହି ଗଞ୍ଜେଇ ଗଛ ଗୁଡ଼ିକୁ କଟା ଯାଉନି । ଏହାର ଅର୍ଥ ଯୋଜନାବଦ୍ଧ ଭାବେ ଏଠାରେ ଗଞ୍ଜେଇ ଚାଷ ହେଉଛି ଆଉ ଏ ସମ୍ପର୍କରେ ପୌର ଅଧିକାରୀ କିମ୍ବା ଅବକାରୀ ଅଧିକ୍ଷକ ଜଣାଥିଲା କି ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜାଣିଲାପରେ ପୌର କର୍ମଚାରୀଙ୍କୁ ଲଗାଇ ପୋଡି ଦିଆଯାଇଛି ।

# ପ୍ରେମ ସମ୍ପର୍କ ଯୋଡ଼ି ଯୁବତୀଙ୍କୁ ବ୍ଲାକ୍‌ମେଲ୍:୨ ଅଭିଯୁକ୍ତ ଗଲେ ଜେଲ୍

**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**



ପ୍ରଥମେ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଯୁବତୀଙ୍କ ସହ ସମ୍ପର୍କ ଯୋଡ଼ିଲେ । ପରେ ଉଭୟ ଯୁବତୀଙ୍କୁ ଏକତରଫା ପ୍ରେମ କଲେ । ଭିଡିଓ କଲ୍ କରି ୧ ଲକ୍ଷ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ନଗ୍ନ ଭିଡ଼ିଓ ସ୍କ୍ରିନ୍ ରେକର୍ଡିଂ କରିନେଲେ । ତା'ପରେ ଆରମ୍ଭ କରିଦେଲେ ବ୍ଲାକ୍‌ମେଲ୍ । ଏଭଳି ଅଭିଯୋଗ ପାଇ ବାଲିଅନ୍ତା ଥାନା ପୋଲିସ ୨ ବନ୍ଧୁଙ୍କୁ ଗିରଫ କରିଛି । ସେମାନେ ହେଲେ ପାହାଳ ସିମ୍ପାନୀ ମଇ ପାଖରେ ରହୁଥିବା ଖୋର୍ଦ୍ଧା କୁମ୍ଭିଲୋର ରାଜା ଓରଫ ଅକ୍ଷୟ ଦାସ (୨୮) ଓ ଘାଟିକିଆ ଭିପୁଲ୍ ଗାର୍ଡେନ୍‌ରେ ରହୁଥିବା ପଶ୍ଚିମବଙ୍ଗର ରାଜୁ ଓରଫ ସେଖ୍ ଆକ୍ରମ (୩୦) । ପୋଲିସ ସେମାନଙ୍କ ଠାରୁ ୩ଟି ମୋବାଇଲ୍ ଓ ଏକ କାର୍ ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, ସ୍ୱପ୍ନା (ଛଦ୍ମନାମ) ନାମ୍ନୀ ଜଣେ ଯୁବତୀ ବାଲିଅନ୍ତା ଥାନା ଅଞ୍ଚଳରେ ରହନ୍ତି । ଉପରୋକ୍ତ ୨ ଅଭିଯୁକ୍ତ ବନ୍ଧୁ ହୋଇଥିବା ବେଳେ ସମସ୍ତ କାର୍ଯ୍ୟରେ ପରସ୍ପରକୁ ସାହାଯ୍ୟ କରନ୍ତି । ଉଭୟ ମିଶି 'ତ୍ରିଶକ୍ତି ଫାଉଣ୍ଡେସନ୍' ନାମରେ ଏକ ସଂସ୍ଥା ପରିଚାଳନା କରୁଥିଲେ । ଅଭିଯୁକ୍ତ ଅକ୍ଷୟ ଦାସ ଓ ସେଖ୍ ଆକ୍ରମ ସ୍ୱପ୍ନଙ୍କୁ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ । ସ୍ୱପ୍ନା ସେମାନଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟକୁ ଗ୍ରହଣ କରିଥିଲେ । ପରେ ପରସ୍ପର ମଧ୍ୟରେ ଫୋନ୍ ନମ୍ବର ଦିଆନିଆ ହୋଇ ହ୍ୱାଟ୍ସଆପ୍ ଜରିଆରେ ଯୋଗାଯୋଗରେ ରହିଥିଲେ । ଉଭୟ ଅଭିଯୁକ୍ତ ସ୍ୱପ୍ନାଙ୍କୁ ଏମ୍‌ବିଏ କରିବା ଲାଗି ପ୍ରସ୍ତାବ ଦେଇଥିଲେ ଓ ସମସ୍ତ ଖର୍ଚ୍ଚ ସେମାନେ ବହନ କରିବେ ବୋଲି କହିଥିଲେ । ଇତିମଧ୍ୟରେ ଅକ୍ଷୟ, ସ୍ୱପ୍ନାଙ୍କୁ ପ୍ରେମ ନିବେଦନ କରିଥିଲେ । ସ୍ୱପ୍ନା ତାଙ୍କୁ କିଛି ଦିନ ସମୟ ମାଗିଥିଲେ । ଥରେ ଅକ୍ଷୟ ସ୍ୱପ୍ନାଙ୍କୁ ହ୍ୱାଟ୍ସଆପ୍ ଜରିଆରେ ଭିଡିଓ କଲ୍ କରିଥିଲେ ମଧ୍ୟ ସ୍ୱପ୍ନ କଲ୍ ଉଠାଇ ନଥିଲେ । ପରେ ଉଭୟ ଅକ୍ଷୟ ଓ ଆକ୍ରମ ମିଶି ସ୍ୱପ୍ନାଙ୍କୁ ଭିଡିଓ କଲ୍ ଉଠାଇବା ଲାଗି ପ୍ରବର୍ତ୍ତାଇବା ସହ ଭିଡିଓ କଲ୍ ଉଠାଇ ତାଙ୍କ ଇଙ୍ଗିତରେ କାର୍ଯ୍ୟ କଲେ ତାଙ୍କୁ ସେମାନେ ଏକ ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ । ଦୁଇ ଅଭିଯୁକ୍ତଙ୍କ କହିବା ମୁତାବକ, ସ୍ୱପ୍ନା ଭିଡିଓ କଲ୍ ଉଠାଇ କ୍ୟାମେରା ସମ୍ମୁଖରେ ନଗ୍ନ ହୋଇଥିଲେ । ଏହି ସମୟରେ ଅଭିଯୁକ୍ତ ଅକ୍ଷୟ ସ୍ୱପ୍ନାଙ୍କ ଅଜାଣତରେ ଏହାକୁ ସ୍କ୍ରିନ୍ ରେକର୍ଡିଂ କରିନେଇଥିଲେ । ଗତ ୫ ତାରିଖରେ ଅକ୍ଷୟ ନିଜ ମୋବାଇଲ୍ ଫୋନ୍‌ରେ ସ୍କ୍ରିନ୍ ରେକର୍ଡିଂ କରି ରଖିଥିବା ପୀଡିତାଙ୍କ ନଗ୍ନ ଭିଡିଓକୁ ଇନ୍‌ଷ୍ଟାଗ୍ରାମର ଏକ ନିର୍ଦ୍ଦିଷ୍ଟ ଆଇଡିରେ ପୋଷ୍ଟ କରିଦେଇଥିଲେ । ପରେ ସେ ଉକ୍ତ ଭିଡିଓକୁ ପାଥେୟ କରି ସ୍ୱପ୍ନାଙ୍କୁ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଲାଗି ବାଧ୍ୟ କରିଥିଲେ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆସି ପହଞ୍ଚିବା ଲାଗି ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅକ୍ଷୟ କହିବା ଅନୁସାରେ ସ୍ୱପ୍ନା ତାଙ୍କର ଜଣେ ବନ୍ଧୁଙ୍କ ସହ ମିଶି ଉତ୍ତରା ଛକ ନିକଟକୁ ଯାଇଥିବା ବେଳେ ଉଭୟଙ୍କୁ ଦେଖି ଅକ୍ଷୟ ସେଠାରୁ ଖସି ପଳାଇ ଯାଇଥିଲେ । ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ଭାଇରାଲ୍ ବନ୍ଦ କରିବା ଲାଗି ସ୍ୱପ୍ନାଙ୍କ ନିକଟରେ ୫୦୦୦ ଟଙ୍କା ଦାବି କରିଥିଲେ । ପରେ ଅକ୍ଷୟ ସ୍ୱପ୍ନାଙ୍କ ନଗ୍ନ ଭିଡିଓକୁ ଏକାଧିକ ବାର ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ଜରିଆରେ ଭାଇରାଲ୍ କରିଦେଇଥିଲେ । ଫଳରେ ସ୍ୱପ୍ନାଙ୍କ ନିକଟକୁ ମନ୍ଦ ଉଦ୍ଦେଶ୍ୟରେ ବିଭିନ୍ନ ଲୋକଙ୍କର କଲ୍ ଆସିବା ଆରମ୍ଭ ହୋଇଯାଇଥିଲା । ଏହାକୁ ନେଇ ସ୍ୱପ୍ନା ପ୍ରବଳ ମାନସିକ ଚାପଗ୍ରସ୍ତ ହୋଇପଡ଼ିଥିଲେ । ଏନେଇ ସ୍ୱପ୍ନା ଗତ ୬ ତାରିଖରେ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଦେଇଥିଲା । ସକାଳେ ପୋଲିସ ବାଲିଅନ୍ତା ରଙ୍ଗବଜାର ଅଞ୍ଚଳରୁ ଅକ୍ଷୟ ଓ ଆକ୍ରମଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍ ଓ ଏକ କାର୍ ଜବତ କରିଥିଲା । ପୋଲିସ ତଦନ୍ତରୁ ଜଣାପଡିଛି ଯେ, ଅକ୍ଷୟ ନାମରେ ପୂର୍ବରୁ ଫୁଲବାଣୀର ସାଇବର ଥାନାରେ ୨ଟି ମାମଲା ଥିବାବେଳେ ବାଲିଅନ୍ତା ଥାନାରେ ମଧ୍ୟ ୨ଟି ମାମଲା ରହିଛି । ସେହିପରି ଲକ୍ଷ୍ମୀସାଗର ଥାନାରେ ମଧ୍ୟ ଏକ ମାମଲାରେ ଅକ୍ଷୟ ୱାଣ୍ଟେଡ୍ ଥିଲା । ଅପରାହ୍ନରେ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ି ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପୁରୀ-କେନ୍ଦୁଝରଗଡକୁ ଆସୁଥିବା ରଥ ସ୍ପେଶାଲ କିମ୍ବା ଅନ୍ୟ କୌଣସି ଟ୍ରେନ୍‌ରୁ ଚଳନ୍ତା ଅବସ୍ଥାରେ ଖସିପଡି ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ସେ ଏକ ନୀଳ ରଙ୍ଗର ହାଫ ପ୍ୟାଣ୍ଟ ଏବଂ ନାଲି ରଙ୍ଗର ଟିସାର୍ଟ ପିନ୍ଧିଛନ୍ତି । ଟାଙ୍ଗରିଆପାଳ ଏବଂ ସୁକିନ୍ଦା ରେଲଷ୍ଟେସନ୍ ମଧ୍ୟରେ ମୃତ ଦେହ ମିଳିଛି । ବୁଧବାର ସକାଳେ ଖବରପାଇ ଭଦ୍ରକ ରେଳବାଇ ପୋଲିସ ଘଟଣାସ୍ଥଳକୁ ଯାଇ ଶବ ଜବତ ତଦନ୍ତ କରିଛନ୍ତି । ମୃତକଙ୍କ ମର ଶରୀରକୁ ଯାଜପୁର ଜିଲ୍ଲା ଦାନଗଦି ଡାକ୍ତରଖାନାରେ ସଂରକ୍ଷଣ କରି ରଖାଯାଇଛି । ରାତିରେ ଏହି ଅପମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଭଦ୍ରକ ରେଳବାଇ ଥାନା ଅପମୃତ୍ୟୁ ମାମଲା ସଂଖ୍ୟା ୫୩/୨୦୨୪ରେ ପଞ୍ଜିକୃତ ହୋଇ ଏହାର ତଦନ୍ତ କରାଯାଉଛି ବୋଲି ଯାଜପୁରରୋଡ ସ୍ଥିତ ରେଳବାଇ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି । ମୃତକଙ୍କ ପରିଚୟ ଏବଂ ଘଟଣାରେ ସହଯୋଗ ପାଇଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଛି ।

# ବନ୍ଦ ଘରେ ବୁଲିଲା କଳାକନା:ବିପୁଳ ସୁନା ଗହଣା ସହ ୪ ଲକ୍ଷ ଟଙ୍କା ଲୁଟ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ଦସ୍ତରରେ ରହୁଥିବା ଦୀପେଶ ବାରୋଇଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ ଫ ୫ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ସାଢ଼େ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ରାଇଘର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗତ୯ ତାରିଖରେ ଦୀପେଶ ନିଜ ପରିବାର ସହିତ ରାଉରକେଲାକୁ ଘରୋଇ କାମରେ ଯାଇଥିଲେ । ଗତ୧୪ ତାରିଖ ଅପରାହ୍ନରେ ସମସ୍ତେ ଘରକୁ ଫେରିଥିଲେ । ତେବେ ଘର ପାଟକ ଖୋଲିବା ବେଳେ ଘରର ସବୁ କବାଟ ଖୋଲାଥିବା ଲକର ଭଙ୍ଗା ସହ ଆଲମିରା ଭଙ୍ଗା ହୋଇଥିବା ଦେଖି ଦୀପେଶ ଅବାକ ହୋଇଯାଇଥିଲେ । ଏଥିସହ ଘରର ଆସବାବପତ୍ର ଓ କିଛି ମାଟି ହୁଣ୍ଡି ଭଙ୍ଗା ଅବସ୍ଥାରେ ପଡ଼ିଥିବା ପତ୍ନୀ ଗୀତା ବାରୋଇ ମୁଣ୍ଡରେ ହାତ ଦେଇଥିଲେ । ଲକ୍କର ଯାଞ୍ଚ କରିବା ପରେ ଭିତରେ ଥିବା ପ୍ରାୟ ୫ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ସାଢ଼େ ୪ ଲକ୍ଷ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ଦୀପେଶ ରାଇଘର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।



# ନାବାଳିକା ଦୁଷ୍କର୍ମ ଘଟଣାରେ ଆସାମୀଙ୍କୁ ୨୦ବର୍ଷ କାରାଦଣ୍ଡ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଜିଲ୍ଲା ସ୍ୱତନ୍ତ୍ର ପକ୍ସୋ କୋର୍ଟ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହିତ ୧ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି । ଜରିମାନା ଅନାଦେୟ ଅଧିକ ୧ ମାସ କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ ରହିଛି । ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନ ଲାଲ୍‌ବାଗ୍ ଗ୍ରାମର ନିର୍ମଳ ମଲ୍ଲିକ (୫୫) ଜଣେ ନାବାଳିକାଙ୍କୁ ୨୦୨୧ ସେପ୍ଟେମ୍ବର ୨୦ ତାରିଖ ମଧ୍ୟାହ୍ନରେ ଶୌଚ ହେବାକୁ ପଡ଼ିଆକୁ ଯାଇଥିବାବେଳେ ତାଙ୍କୁ ଦୁଷ୍କର୍ମ କରିଥିଲା । ଏ ସମ୍ପର୍କରେ ପରିବାରକୁ କହିଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ନିର୍ମଳ ନାବାଳିକାଙ୍କୁ ଧମକ ଦେଇଥିଲା । ନାବାଳିକା ଘରକୁ ଫେରି ମାଆଙ୍କୁ ସମସ୍ତ କଥା କହିବା ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ପୋଲିସ ୪୫୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବୁଧବାର ୬ ଜଣ ସାକ୍ଷ୍ୟ ଓ ବୟାନ ଆଧାରରେ ସ୍ୱତନ୍ତ୍ର ପକ୍ସୋ ବିଚାରପତି ଶରତ କୁମାର ଦେହୁରୀ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇବା ସହିତ ୧ ହଜାର ଟଙ୍କା ଜରିମାନା ପାଇଁ ରାୟ ଦେଇଛନ୍ତି । ଜରିମାନା ଅନାଦେୟ ୧ ମାସ ଅଧିକ କାରାଦଣ୍ଡାଦେଶ ଭୋଗିବା ନେଇ ରାୟ ଶୁଣାଇଛନ୍ତି । ଏହି ମାମଲାରେ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୭ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପାର୍ଥ ରାୟ ମାମଲା ପରିଚାଳନା କରିଥିଲେ ।

## ଏଏସ୍‌ଓ ବୈକୁଣ୍ଠଙ୍କୁ ରାଜ୍ୟପାଳ ପୁଅଙ୍କ ମାଡ଼ ଘଟଣା: ମୁହଁ ଖୋଲିଲେ ସେବାନିବୃତ୍ତ ଯବାନ

# ନ୍ୟାୟ ନମିଳିଲେ ରାଜଭବନ ସମ୍ମୁଖରେ ଧାରଣା ଚେତାବନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଦାବିରେ ସାମ୍ନାକୁ ବାହାରିଛି ଅଲ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ସ ଆସୋସିଏସନ୍ ସଂଘର କର୍ମକର୍ତ୍ତାମାନେ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଓ ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟପାଳଙ୍କ ପୁଅ ଜଣେ ସେବାନିବୃତ୍ତ ଯବାନ ତଥା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ଆକ୍ରଣ କରିଛନ୍ତି । ସେ ଦୀର୍ଘ ବର୍ଷ ଧରି ବାୟୁସେନାରେ କାର୍ଯ୍ୟ କରି ଦେଶ ପାଇଁ ସେବା କରିଛନ୍ତି । ମାତ୍ର ତାଙ୍କୁ ଯେଉଁ ଆକ୍ରମଣ କରାଯାଇଛି ତାହା ନିନ୍ଦନୀୟ । ଏଥିପାଇଁ ତାଙ୍କୁ ଓ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ସେହିପରି ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ ଏହି ବର୍ବରୋଚିତ ଘଟଣା ପୁରୀ ରାଜଭବନର ପ୍ରଥମ ମହଲାରେ ଘଟିଥିବା ବେଳେ ରଥଯାତ୍ରା ସମୟରେ ରାଷ୍ଟ୍ରପତି ଏହି ବିଲ୍‌ଡିଂର ତଳ ମହଲାରେ ରହିଥିଲେ । ଏଭଳି ଗୁରୁତର ଅଭିଯୋଗ ସତ୍ତ୍ୱେ ୧୦ ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନହେବାକୁ ସଂଘ ନିନ୍ଦା କରିଛି । ରାଜ୍ୟର ବହୁ ଯବାନ ଦେଶ ସେବା ପାଇଁ ସେମାନଙ୍କ ଜୀବନ ସମର୍ପି ଦେଉଛନ୍ତି । ମାତ୍ର ଓଡ଼ିଶାର ବୈକୁଣ୍ଠ ପ୍ରଧାନଙ୍କ ଭଳି ସେବାନିବୃତ୍ତ ଯବାନଙ୍କୁ ନ୍ୟାୟ ନମିଳିବାକୁ ନେଇ ସଂଘ କ୍ଷୋଭ ପ୍ରକାଶ କରିଛି । ଯଦି ଏହି ଘଟଣାକୁ ବିଚାରକୁ ନିଆ ନଯିବ ଓ ସମ୍ପୃକ୍ତ ଏଏସ୍‌ଓଙ୍କୁ ନ୍ୟାୟ ନମଳିବ, ତେବେ ସଂଘର ଶତାଧିକ ସେବାନିବୃତ୍ତ ଯବାନ ରାଜଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ଚେତାବନୀ ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ସମେତ ଏହି ଘଟଣା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବା ପାଇଁ ସଂଘ ପକ୍ଷରୁ ଏକ ଦାବିପତ୍ର ରାଷ୍ଟ୍ରପତି ଭବନକୁ ପ୍ରେରଣ କରାଯାଇଛି । ସେହିପରି ରାଜ୍ୟପାଳ ଓ ଭୁବନେଶ୍ୱର ଡିସିପିଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇଛି ।

# ଆଇଏଏସ୍ ପୂଜା ମାତ୍ର ୭% ଅକ୍ଷମ

**ପୁନେ, ନ୍ୟୁଜ୍ ବ୍ୟୁରୋ**

ବିବାଦରେ ଥିବା ଟ୍ରେନି ଆଇଏଏସ୍ ପୂଜା ଖେଡ଼କରଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ସାମ୍ନାକୁ ଆସିଛି । ଏଥିରେ ସେ ମାତ୍ର ୭ ପ୍ରତିଶତ ଅକ୍ଷମ ଥିବା ଉଲ୍ଲେଖ ରହିଛି । ପୁନେର ୱାଇସିଏମ୍ ହସ୍ପିଟାଲ୍ ୨୦୨୨ ଅଗଷ୍ଟ ୨୪ରେ ଏହି ପ୍ରମାଣପତ୍ର ଜାରି କରିଥିଲା । ତେବେ ୟୁପିଏସ୍‌ସି ନିୟମ ଅନୁଯାୟୀ ଭିନ୍ନକ୍ଷମ କୋଟାରୁ ଚୟନ ପାଇଁ ୪୦% ଅକ୍ଷମ ହେବା ଜରୁରୀ । ଏବେ ପୁନେର ଭିନ୍ନକ୍ଷମ କମିଶନ ପୋଲିସକୁ ପୂଜାଙ୍କ ପ୍ରମାଣପତ୍ର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରମାଣପତ୍ରରେ ସେ ଭୁଲ୍ ଠିକଣା ଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୂଜାଙ୍କୁ ପୁନେ ପୋଲିସ ନୋଟିସ୍ ଜାରି କରି ଗୁରୁବାର ହାଜର ହେବାକୁ କହିଛି ।

# ୪୩ କେଜି ଗଞ୍ଜେଇ ଜବତ ମାମଲାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧବ୍ଲକ ଦୁମୁଦୁମା ନିକଟରୁ ୪୩ କେଜି ଗଞ୍ଜେଇ ଜବତ ମାମଲାର ଦୁଇ ଅଭିଯୁକ୍ତଙ୍କୁ ବୌଦ୍ଧ ଆଣି କୋର୍ଟ ଚାଲାଣ କରିଛି ବାଉଁଶୁଣୀ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ରବିବାର ଖଜୁରିପଡା-ଦୁମୁଦୁମା ରାସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବାଉଁଶୁଣୀ ଥାନା ଆଇଆଇସି ଅଳି ବିଶ୍ୱାଳଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ବସ୍ତା ଭିତରେ ଗଞ୍ଜେଇ ଭର୍ତ୍ତିକରି ମୁଣ୍ଡରେ ଆଣୁଥିବା ୨ଜଣ ବ୍ୟକ୍ତିଙ୍କୁ ଦୁମୁଦୁମା ନିକଟରେ ଅଟକାଇ ବସ୍ତା ତନଖି କରିବାରୁ ଗଞ୍ଜେଇ ବାହାରିଥିଲା । ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୪୩ କେଜି ଓଜନ ହୋଇଥିଲା । ଗଞ୍ଜେଇକୁ ଜବତକରି ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଗଞ୍ଜେଇ ମୁଣ୍ଡରେ ବୋହି ଆଣୁଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ବାଉଁଶୁଣୀ ଥାନା କୁମ୍ଭାରପାଲି ଗ୍ରାମର ରଘୁନାଥ ବେହେରା ଓ ହରିଡାପାଲି ଗ୍ରାମର ବିଦେଶୀ ଭୋଇ ବୋଲି ସୂଚନା ମିଳିଛି । ଉଭୟ ଅଭିଯୁକ୍ତଙ୍କୁ ବୌଦ୍ଧ ଆଣି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୧ ୧୨ ହର୍ଷ | ୧୦ | ରାହୁ ୯ ଶନି |
| ରଲଶୁବୁ | ୧୮/୮ | ୭ |
| ୨ ୩କେ | ୪ | ୬ ୫ଚ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୯।୭।୨୦୨୪, ଶ୍ରାବଣ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୧୭।୪୯ **ଚନ୍ଦ୍ରୋଦୟ-** ଦିଘ ୪।୪୯।୧୬

**ତ୍ରୟୋଦଶୀ-** ରାଘ ୭।୪୨ ପର୍ଯ୍ୟନ୍ତ, **ମୂଳା ନକ୍ଷତ୍ର –** ରାଘ ୨।୫୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୭।୪୨ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୨ ଗତେ ଘ ୬।୧୪ ମଧ୍ୟେ, ଦିଘ ୧୨।୧୯ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ –** ନୀଳାଦ୍ରି ବିଜେ, ଶିବ ଶୟନ ।

**ମେଷ:** ମନରେ ଭକ୍ତିଭାବ ଆସିବ । ସାର୍ବଜନୀନ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା ।

**ବୃଷ:** ଶାରୀରିକ ଅସୁସ୍ଥତା ଅନଭବ କରିବେ । କର୍ମକ୍ଳାନ୍ତିରୁ କର୍ମହାନୀର ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।

**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।

**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।

**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ତର ଶିକାର ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।

**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା । କର୍ମକ୍ଷେତ୍ରରେ କାର୍ଯ୍ୟହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ସୁଖ ଶାନ୍ତି ଲାଭ ହେବ । ଶରୀର ସୁସ୍ଥ ରହିବ ।

**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମିରେ ପଡ଼ିପାରନ୍ତି । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ। ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆଶ୍ୱସ୍ତି ଲାଭ କରିବେ । ମହିଳାମାନେ ଗର୍ବୀ ହେବେ ।

**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।

**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରଣ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦଲାଭ ହେବ । ମହିଳାମାନେ ଖୁସୀ ହେବେ ।

**କୁମ୍ଭ:** ହଠାତ୍ ବିଷର୍ଣ୍ଣ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ । ଆୟରେ ବାଧା ସୃଷ୍ଟି ହେବ । ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଶରୀର ଅସୁସ୍ଥ ରହିବାର ସୂଚନା ।

**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨୦।୭।୨୦୨୪, ଶ୍ରାବଣ ଦି୫ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୧୮।୧୧ **ଚନ୍ଦ୍ରୋଦୟ-** ସଂଘ ୫।୪୮।୦୪

**ଚତୁର୍ଦ୍ଦଶୀ-** ସଂଘ ୫।୫୯ ପର୍ଯ୍ୟନ୍ତ, **ପୂର୍ବାଷାଢ଼ା ନକ୍ଷତ୍ର –** ରାଘ ୧।୪୮ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୫।୫୯ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଘ ୧।୧୧ ମଧ୍ୟେ, ରାଘ ୮।୩୬ ଗତେ ଘ ୧୦।୪୭ ମଧ୍ୟେ । **ପର୍ବୋତ୍ସବ –** ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ମା' ଶାରଦା ଦେବୀଙ୍କ ଶ୍ରାଦ୍ଧ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ଗାଁରେ ଦରଦାମ୍ ଚାପ ଅଧିକ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଜାନୁୟାରିରେ ସ୍ଥିତି ଓଲଟା ଥିଲା। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ଫେବ୍ରୁୟାରିରେ ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ବା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଧ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ବା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୩


ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଜୀବନଟା ସାରା ତାଙ୍କରି ବିରହରେ ଅହରହ ଅଶ୍ରୁପାତ କରି ଆସୁଥିଲେବି ଓ ସେ ମୋ ହୃଦୟର ସବୁ କଥା ବୁଝି ପାରୁଥିଲେ ବି ପଦେ ହେଲେ କୌଣସି ଦିନ ପଚାରି ନାହାଁନ୍ତି " ଉର୍ମିଳା ତୁମେ କାହିଁକି ବିମର୍ଷ ଦିଶୁଛ ?" ଖାଲି ସ୍ତ୍ରୀ ଟାକୁ ପୂର୍ଣ୍ଣ ଶାରୀରିକ ସୁଖ ଦେଲେ ଯେ ସ୍ତ୍ରୀ ସୁଖୀ ହୋଇଯାଏ ଏ କଥାକୁ ମୁଁ କେବେ ବିଶ୍ୱାସ କରେନି । ସ୍ତ୍ରୀ ପାଇଁ ଶାରୀରିକ ପୂର୍ଣ୍ଣତାର ଯେପରି ଆବଶ୍ୟକତା ରହିଥାଏ ଠିକ୍ ସେହିପରି ସ୍ତ୍ରୀ ମନର ଗୋପନ ରହସ୍ୟକୁ ବୁଝିବାରେ ସାମର୍ଥ୍ୟ ରଖିଥାଏ। ସିଏ ହେଉଛି ସମର୍ଥ ପୁରୁଷ, ଯାହାଙ୍କ କୋଳରେ ସ୍ତ୍ରୀ ଟିକିଏ ଢଳି ପଡିଲେ ଶତଶତ ସ୍ୱର୍ଗଠାରୁ ଆହୁରି ଶାନ୍ତି ଓ ସନ୍ତୋଷ ପାଇଥାଏ। ମୋ ସ୍ୱାମୀଙ୍କ ଠାରେ ସେ ଭଳି କ୍ଷମତା ଅଜସ୍ର ଗୁଣରେ ପରିପୂର୍ଣ୍ଣ ହୋଇ ରହିଛି। ସେକଥା ମୋ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ , କିନ୍ତୁ ସବୁ ଜାଣିଥିଲେ ବି ସେ ବିବଶ ହୋଇ ପଡନ୍ତି ଅଯୋଧ୍ୟାର କଠୋର ଅନୁଶାସନ ମଧରେ ଜୀବନ ଧାରଣ କରିବା ପାଇଁ। ତାଙ୍କ ଜୀବନଟା ବିତିଗଲା କେବଳ ଯୁଦ୍ଧ ଓ ବନବାସର ଘନଘଟା ମଧ୍ୟରେ। କାହାକୁ କହିବି ଏ ଦୁଃଖର କାହାଣୀ, ଯଦି ବି କହିବି, କାହା ଆଗରେ କହିବି ? ଆଜି ମୋ ସମ୍ମୁଖରେ ଇହ ଆଉ ପରକାଳର ଦେବତା ମୋ ହାତ ଧରି କାନ୍ଦୁଛନ୍ତି। ତାଙ୍କ ଲୁହରେ ଆମେ ଦୁହେଁ ଭିଜିଗଲୁ। ସ୍ୱାମୀ କହିଲେ " ଉର୍ମିଳା ! ତୁମର ଏ ଆଖିର ଲୁହରେ ମୁଁ ସଂପୂର୍ଣ୍ଣ ଭିଜି ଗଲିଣି। ମୁଁ ବିବଶ ଉର୍ମିଳା। ଆଜି ମୁଁ ତୁମ ଠାରୁ ବିଦାୟ ନେବା ପାଇଁ ପହଞ୍ଚିଛି । ମୁଁ ଜାଣେ ଗୋଟିଏ ପତ୍ନୀ ସମ୍ମୁଖରେ ତା' ସ୍ୱାମୀର ଜୀବନ ଚାଲିଯିବ, କିନ୍ତୁ ଭାଗ୍ୟର ବିଡମ୍ବନା ସେ ସ୍ତ୍ରୀଟିର ଅବସ୍ଥା କେତେ ଭୟାନକ ହୋଇଯିବ। ତାହା ମୁଁ ଭଲ ଭାବେ ଜାଣିଛି। କିନ୍ତୁ ମନେ ରଖିବ ଉର୍ମିଳା। ଏ ପୃଥିବୀ ପୃଷ୍ଠରେ ଦୈନିକ ଅନେକ ଜନ୍ମ ନେଉଛନ୍ତି ଓ ମୃତ୍ୟୁ ବରଣ କରୁଛନ୍ତି। କିନ୍ତୁ ସେଇମାନଙ୍କୁ ମନେ ରଖେ ଏ ସଂସାର, ଯିଏ ସତ୍ୟ, ଧର୍ମ, ସାଧାରଣ ଅସହାୟ ମଣିଷକୁ ସହାୟ ହୋଇଥାଏ। ଯିଏ ନିଜର ଜୀବନ ଦାନ କରି ଅଗଣିତ ମଣିଷର ଆଖିରୁ ଲୁହ ପୋଛି ଦେଇଥାଏ। ମୁଁ ହେଉଛି ସେହି ମଣିଷ ଯିଏ ଦୁର୍ବାସାଙ୍କ ଅଗ୍ନିବର୍ଷି ଅଭିଶାପରୁ ଅଯୋଧ୍ୟାକୁ ରକ୍ଷା କରିବା ପାଇଁ ମୋ ଜୀବନ ଦାନ ଦେଉଛି।' ତେବେ ଏତକ କହିବା ପରେ ଲକ୍ଷ୍ମଣ ଅନ୍ତିମ ମୁହୂର୍ତ୍ତରେ ଉର୍ମିଳାଙ୍କୁ ଆଲିଙ୍ଗନ କରିନେଲେ। ଉଭୟ କାନ୍ଦୁଛନ୍ତି ଉଚ୍ଚ ସ୍ୱରରେ। ଏ ଆଲିଙ୍ଗନ ଥିଲା ନିର୍ବିକାର, ନିଶ୍ଚଳ ବିଦ୍ରୋହ ଭରା ଗୋଟାଏ ଅଶାନ୍ତ ସମୁଦ୍ର। ଯାହାକୁ ଭାଷାରେ ବର୍ଣ୍ଣନା କରାଯାଇ ନ ପାରେ। ଅବର୍ଣ୍ଣନୀୟ ସେ ବିଦାୟ ବେଳାର ପ୍ରଳୟଙ୍କାରୀ ଅଶ୍ରୁପାତରେ ଚେତନାହୀନ ହୋଇଗଲେ ଉର୍ମିଳା। ଧୀରେ ଧୀରେ ସମୟ ଅତିକ୍ରାନ୍ତ ହୋଇଯାଉଛି। ଅଚେତନ ଉର୍ମିଳା, କେମିତି ଲକ୍ଷ୍ମଣ ତାଙ୍କୁ ଏକାକୀ ଛାଡି ଦେଇ କକ୍ଷରୁ ବାହାରି ଆସିବେ, ଯେତେବେଳେ ଉର୍ମିଳାଙ୍କର ଚେତା ଫେରିବ, ସେତେବେଳେ ଦେଖିବେ ଯେ ସ୍ୱାମୀ ଚାଲି ଗଲେ ମୋତେ ଶେଷ ଦେଖା ନକରି, କ'ଣ ଭାବିବେ ? ଜୀବନ ସାରା ତ ଗୋଟିଏ ସ୍ତ୍ରୀକୁ ସୁଖ ଦେଇ ପାରିଲିନି, ପୁଣି ଅନ୍ତିମ ସମୟରେ ଗୋଟାଏ ଶଙ୍କିତ ଦସ୍ୟୁଭଳି ଚାଲି ଗଲେ ମୋତେ କ'ଣ କହିବ ଉର୍ମିଳା ? ନା, ମୁଁ ବିଶ୍ୱାସଘାତ କରି ପାରିବିନି ତାଙ୍କ ସାଥିରେ। ଏତେ ଦିନ ଚାଲିଗଲା କୌଣସି ଦିନ ତା' ମନ କଥା ବୁଝି ପାରିଲିନି। ତା ମନକଥା ଶୁଣିବା ପାଇଁ ମଧ ସମୟ ମିଳିଲାନି। କିଛି ସମୟ ପରେ କିଛି ପାଣି ଉର୍ମିଳାଙ୍କ ମୁଖରେ ଦେବା ପରେ ସେ ଚେତା ଫେରି ପାଇଲେ। କ୍ରମଶଃ...

# ମହାପ୍ରଭୁଙ୍କର ମହାନ ଲୀଳା


( କିଶୋର ଦ୍ୱିବେଦୀ ଓ ଅନିଲ ଧୀରଙ୍କର ଉପସ୍ଥାପନା)

ଆଜିଠୁ ଠିକ ୪୮ବର୍ଷ ତଳର କଥା। ନିଉୟର୍କ ନଗରୀରେ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ଆୟୋଜନ ବିଫଳ ହେବାକୁ ଯାଉଥିବା ବେଳେ ଡୋନାଲଡ ଟ୍ରମ୍ପ ଏହାକୁ ସମ୍ଭବ କରାଇଥିଲେ। ବର୍ତ୍ତମାନ ଏହି ଋଣକୁ ଶୁଝିବାର ପାଳି ବଡ଼ ଠାକୁରଙ୍କର ପଡିଲା। ସାରା ପୃଥିବୀରେ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ପାଳନ କରାଯାଉଥିବା ବେଳେ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଆତତାୟୀ ପକ୍ଷରୁ ହୋଇଥିବା ମରଣାତ୍ମକ ଆକ୍ରମଣରୁ ତାଙ୍କୁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର ରକ୍ଷା କଲେ। ପ୍ରକୃତରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଏବଂ ବର୍ତ୍ତମାନର ରାଷ୍ଟ୍ରପତି ପ୍ରାର୍ଥୀ ଟ୍ରମ୍ପଙ୍କ ଉପରେ କାଳିଆ ସାଆଁନ୍ତଙ୍କର ଅଶେଷ ଆଶୀର୍ବାଦ ରହିଥିବା, ଏହି ଘଟଣାରୁ ପ୍ରମାଣିତ ହୋଇଯାଇଛି।

୧୯୭୬ ମସିହାର ଏହି ଜୁଲାଇ ମାସର ଘଟଣା। ଇସ୍କନ ତରଫରୁ ସେହି ବର୍ଷ ଏହାର ଜନ୍ମର ଦଶମ ବାର୍ଷିକୀ ପାଳନ କରାଯାଉଥାଏ । ସଂସ୍ଥାର ନିଉୟର୍କ ଶାଖା ତରଫରୁ ସେଠାରେ ପ୍ରଥମଥର ପାଇଁ ଶ୍ରୀ ଜଗନ୍ନାଥଙ୍କର ବିଶାଳକାୟ ରଥଯାତ୍ରା ଆୟୋଜନ କରାଯାଇ ଏହି ଜନ୍ମ ଜୟନ୍ତୀକୁ ମହା ସମାରୋହରେ ପାଳନ କରାଯିବାକୁ ସିଦ୍ଧାନ୍ତ କରାଯାଇଥିଲା। ବୀମା ଆଦି ସାଧାରଣ ସମସ୍ୟାକୁ ଛାଡି ଦେଲେ ଆୟୋଜକ ମାନଙ୍କ ସାମ୍ନାରେ ଦୁଇଟି ବୃହତ ଅସୁବିଧା ରହିଥିଲା। ପ୍ରଥମଟି ହେଲା ରଥ ନିର୍ମାଣ ଏବଂ ଦ୍ୱିତୀୟରେ ପଞ୍ଚମ ଆଭେନିୟୁ ଠାରେ ଶୋଭାଯାତ୍ରା କରିବା ପାଇଁ ସ୍ୱୀକୃତି ଲାଭ କରିବା। ରଥଯାତ୍ରାର ଆରମ୍ଭ ସ୍ଥଳରେ ରଥ ନିର୍ମାଣ କରିବା ସକାଶେ ଇସ୍କନର ସଙ୍ଗଠକ ମାନେ ଏକ ଖୋଲା ଜାଗାର ଆବଶ୍ୟକତା କରୁଥିଲେ। ଏଥିପାଇଁ ପେନସିଲଭାନିୟାର ବିସ୍ତୃତ ରେଳବାଇ ୟାର୍ଡ, ପ୍ରକୃତ ସ୍ଥଳ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ସେହି ଅନୁଯାୟୀ ଆୟୋଜକ ମାନେ ସେଠାରେ ଜାଗା ଥିବା ପ୍ରାୟ ୧୨ଜଣରୁ ଊର୍ଦ୍ଧ୍ୱ ଜମିଦାରଙ୍କୁ ରଥ ନିର୍ମାଣ ପାଇଁ ସ୍ଥାନ ଉପଲବ୍ଧ କରିବାକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ କେହିବି ଏଥି ପ୍ରତି କର୍ଣ୍ଣପାତ କରିନଥିଲେ। ସମସ୍ତେ ନିଜ ନିଜର ଜମି ବିକ୍ରୀ କରିବା ପାଇଁ ଯାଉଥିବାର ବାହାନା ବନାଇ ଇସ୍କନ କର୍ମୀ ମାନଙ୍କଠାରୁ ମୁହଁ ଫେରାଇ ନେଇଥିଲେ।

ଚାରିପଟରୁ ଅସହଯୋଗ ଓ ନକାରାତ୍ମକ ଇଙ୍ଗିତ ମିଳିବା ଯୋଗୁଁ ଆୟୋଜକମାନେ ଏକ ପ୍ରକାର ହତାଶା ଓ ନିରାଶାରେ ବୁଡି ଯାଇଥିଲେ। ସେମାନଙ୍କର ରଥଯାତ୍ରା କରିବାର ସ୍ୱପ୍ନ ଧୂଳିସାତ ହେବାକୁ ବସିଥିଲା। ଏହି ସମୟରେ ସେମାନଙ୍କୁ ଖବର ମିଳିଲା ଯେ ଡୋନାଲଡ ଟ୍ରମ୍ପ ପୁରୁଣା ରେଳବାଇ ୟାର୍ଡକୁ ମାତ୍ର କିଛି ଦିନ ତଳେ କିଣିଛନ୍ତି। ସେତେବେଳେର ୩୦ବର୍ଷ ବୟସ୍କ ଟ୍ରମ୍ପ ଆମେରିକାର ଉଦୀୟମାନ ଜମିଜମା ବ୍ୟବସାୟୀ ମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ। ଯେତେବେଳେ ଅନ୍ୟ ବଡ଼ବଡିଆ ମାନେ ମନା କରି ସାରିଛନ୍ତି , ସେତେବେଳେ ଟ୍ରମ୍ପ ବା କାହିଁକି ସେମାନଙ୍କୁ ସାହାଯ୍ୟ କରିବେ, ଏଭଳି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିଲା। ତେବେ ବି ଏକ ଶେଷ ଚେଷ୍ଟା କରିବା ପାଇଁ ଆୟୋଜକ ମାନେ ଟ୍ରମ୍ପଙ୍କ କାର୍ଯ୍ୟାଳୟରେ ଯାଇ ପହଞ୍ଚିଥିଲେ। ସାଙ୍ଗରେ ସେମାନେ ତାଙ୍କୁ ଭେଟି ଦେବା ପାଇଁ ଏକ ଖୁବ ବଡ଼ ପାତ୍ରରେ ମହାପ୍ରସାଦ ଏବଂ ଜାଗା ପାଇଁ ଦରଖାସ୍ତ ନେଇଥିଲେ। ପ୍ରଥମ ଦେଖାରେ ଟ୍ରମ୍ପଙ୍କର ସଚିବ ଏଭଳି କାର୍ଯ୍ୟ ପାଇଁ ଟ୍ରମ୍ପ ଆଦୌ ରାଜି ହେବେ ନାହିଁ ବୋଲି କହିଥିଲେ। ଟିକେ ଅଧିକ ମନାମନି କରିବା ପରେ, 'ଆପଣମାନେ କହୁଛନ୍ତି, ମୁଁ ତାଙ୍କୁ ସୁପାରିଶ କରିଦେବି। କିନ୍ତୁ ଉତ୍ତରରେ ନିଶ୍ଚିତ ଭାବେ ଏକ ବଡ଼ ନା ମିଳିବ ବୋଲି ମୁଁ ଜାଣିଛି।' ଏହା ଟ୍ରମ୍ପଙ୍କର ସଚିବଙ୍କର ଉତ୍ତର ଥିଲା। ଏହା ଶୁଣିବା ପରେ ଇସ୍କନ କର୍ମୀମାନେ ହଠାତ ପ୍ରତିକ୍ରିୟାରେ କହିଥିଲେ ଯେ, ମହାପ୍ରଭୁଙ୍କ ଉପରେ ଆମର ଅଗାଧ ବିଶ୍ୱାସ ରହିଛି, ଯାହା ତାଙ୍କର ଇଚ୍ଛା ତାହା ହିଁ ହେବ । ଏହାପରେ ସେମାନେ ଟ୍ରମ୍ପଙ୍କର ଦପ୍ତରରୁ ଚାଲି ଆସିଥିଲେ। ଠିକ ତିନି ଦିନ ବିତିଗଲା ପରେ ଟ୍ରମ୍ପଙ୍କର ସଚିବଙ୍କର ଫୋନ ଆସିଲା। ସେ କହିଲେ ଯେ 'ମୁଁ ଜାଣି ନାହିଁ କଣ ହେଲା। ଟ୍ରମ୍ପ ଆପଣମାନଙ୍କର ଚିଠି ପଢିଲେ ଓ ଆପଣ ଯେଉଁ ଖାଦ୍ୟ ଦେଇଥିଲେ ସେଥିରୁ ଟିକେ ଚାଖିଲେ। ଏହାପରେ ତାଙ୍କ ମୁହଁରୁ ବାହାରିଥିଲା ଯେ, ଏପରି ମହତକାର୍ଯ୍ୟ ପାଇଁ କାହିଁକି ଜାଗା ଯୋଗାଇ ନ ଦେବା ? ରଥ ନିର୍ମାଣ ପାଇଁ ତାଙ୍କର ଖୋଲା ଜାଗାକୁ ବ୍ୟବହାର କରିବା ପାଇଁ ଟ୍ରମ୍ପ ମଞ୍ଜୁରୀ ଦେଇ କାଗଜରେ ଦସ୍ତଖତ କରିସାରିଛନ୍ତି। ଆପଣମାନେ ଆସି ଦସ୍ତାବିଜକୁ ନେଇ କାମ ଆରମ୍ଭ କରନ୍ତୁ' ବୋଲି ଟ୍ରମ୍ପଙ୍କର ସଚିବ କହିଲେ। ଏହା ମହାପ୍ରଭୁଙ୍କର ଚମତ୍କାର ନୁହେଁ ତ ଆଉ କଣ ! ପ୍ରଥମ ପ୍ରତିବନ୍ଧକକୁ ଅତିକ୍ରମ କରିବା ପରେ ଆୟୋଜକ ମାନଙ୍କର ମନୋବଳ ବହୁଗୁଣରେ ବଢି ଯାଇଥିଲା। ଦ୍ୱିତୀୟ ସଙ୍କଟଟି ଥିଲା, ପଞ୍ଚମ ଆଭେନିୟୁରେ ଶୋଭା ଯାତ୍ରା ପାଇଁ ମଞ୍ଜୁରୀ ପ୍ରାପ୍ତି କରିବା। ଏହି କାର୍ଯ୍ୟ ତୁଲାଇବା ପାଇଁ ଇସ୍କନ ତରଫରୁ ତୋଷନ କୃଷ୍ଣ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ପୁଲିସ କର୍ତ୍ତୃପକ୍ଷଙ୍କ ନିକଟରେ ରଥଯାତ୍ରା ପାଇଁ ଅନୁମତି ପ୍ରଦାନ କରିବା ଉଦେଶ୍ୟରେ ଲିଖିତ ଭାବେ ଦରଖାସ୍ତ ଦାଖଲ କରି ସାରିଥିଲେ। ପ୍ରଥମେ ଅଧିକାରୀ ମାନେ ହଁ କହିଥିଲେ ମଧ ପରେ ଅନୁମତି ଦେବାକୁ ମନା କରି ଦେଇଥିଲେ। କାରଣ ପଞ୍ଚମ ଆଭେନିୟୁରେ କୌଣସି ନୂଆ ଶୋଭାଯାତ୍ରାକୁ ବାରଣ କରାଯାଇ ୧୯୬୨ ମସିହାଠାରୁ ଏଠାକାର ମେୟରଙ୍କର ଏକ ନିର୍ଦ୍ଦେଶନାମା ବଳବତ୍ତର ରହିଥିଲା। ଅନନ୍ୟୋପାୟ ହୋଇ ମହାପ୍ରଭୁଙ୍କୁ ସ୍ମରଣ କରି ତୋଷନ ମାନହଟ୍ଟନର ପୋଲିସ ମୁଖ୍ୟଙ୍କୁ ଯାଇ ଦେଖା କରିଥିଲେ। ପୋଲିସ ମୁଖ୍ୟ ତୋଷନଙ୍କର ଦରଖାସ୍ତକୁ ଟିକିନିଖି ଭାବେ ପଢ଼ି ଏବଂ ସେ କରିଥିବା ନିବେଦନକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିବା ପରେ ମୁଖରେ ଏକ ସ୍ମିତ ହାସ୍ୟ ଦେଇ ଶେଷକୁ ଅନୁମତି ପତ୍ରରେ ଦସ୍ତଖତ କରିଥିଲେ। ହଠାତ ତାଙ୍କ ପାଟିରୁ ବାହାରି ପଡିଥିଲା ଯେ, 'ମୁଁ ଏଭଳି କେଉଁଥି ପାଇଁ କରୁଛି ତାହା ମୁଁ ନିଜେ ଜାଣିନି'। ଅନ୍ୟାନ୍ୟ କର୍ପୋରେଟ ମାଲିକମାନଙ୍କ ପରି ଟ୍ରମ୍ପ ମଧ ସେମାନଙ୍କର ପ୍ରସ୍ତାବକୁ ଖାରଜ କରି ପାରି ଥାଆନ୍ତେ । କିନ୍ତୁ ସେ ସେପରି କରି ନଥିଲେ। ପ୍ରଥମେ ଟ୍ରମ୍ପ ଏବଂ ତାପରେ ପୋଲିସ ମୁଖ୍ୟଙ୍କର ରଥଯାତ୍ରାକୁ ସାହାଯ୍ୟ କରିବା ପାଇଁ ଏଭଳି ଅଭୂତପୂର୍ବ ନିଷ୍ପତ୍ତି ପଛରେ ରହିଥିବା ଅଦୃଶ୍ୟ ଶକ୍ତିଙ୍କର ପ୍ରବର୍ତ୍ତାରଣା, ବାହାର ଦୁନିଆ ପାଇଁ ଏବେବି ରହସ୍ୟାବୃତ୍ତ ହୋଇ ରହିଛି।



ସ୍ୱାଭାବିକ ଭାବେ ଶ୍ରଦ୍ଧାଳୁମାନେ ଏହାକୁ ମହାପ୍ରଭୁଙ୍କ ଚମତ୍କାରିତାର ଆଖ୍ୟା ଦେଉଛନ୍ତି। ଇସ୍କନର କୋଲକାତା ଶାଖାର ଉପ-ସଭାପତି ତଥା ମୁଖପାତ୍ର ରାଧାରମଣ ଦାସ ମହାପ୍ରଭୁଙ୍କ କୃପାରୁ ଟ୍ରମ୍ପ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି ବୋଲି ସାମାଜିକ ଗଣ ମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ଆମେରିକାର ବାସିନ୍ଦା ମ୍ୟାଟ ୱାଲେସ,ଐଶ୍ୱରିକ ଶକ୍ତି ଟ୍ରମ୍ପଙ୍କୁ ବଞ୍ଚାଇଲା ବୋଲି ଲେଖିଛନ୍ତି। ଟ୍ରମ୍ପ ନିଜେ ମଧ ତାଙ୍କର ପୁନର୍ଜନ୍ମ ଲାଭ, ଦୈବଶକ୍ତିର ହସ୍ତକ୍ଷେପ ଯୋଗୁଁ ସମ୍ଭବପର ହେଲା ବୋଲି ସ୍ୱୀକାର କରିଛନ୍ତି। ଗୁଳି ଆସିବା ସମୟରେ ସେ ସାମାନ୍ୟତମ ମୁଣ୍ଡ ହଲାଇ ନଥିଲେ ତାଙ୍କର ମୃତ୍ୟୁ ଶିରୋଧାର୍ଯ୍ୟ ଥିଲା ବୋଲି ସମସ୍ତେ ଜାଣିଛନ୍ତି। ବଡ଼ ଠାକୁରଙ୍କର ତାଙ୍କ ପ୍ରତି ଦୟାଭାବ ହେତୁ ଗୁଳିଟି କେବଳ ତାଙ୍କର କାନର ଉପର ଭାଗକୁ ସ୍ପର୍ଶ କରି ଚାଲିଯାଇଥିଲା। ଏହାହିଁ ଥିଲା ମହାପ୍ରଭୁଙ୍କର ମହାନ ଲୀଳା।

ଜୟ ଜଗନ୍ନାଥ

# ମହାପ୍ରଭୁଙ୍କୁ ଅଧରପଣା ଭୋଗ


ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭଗବାନ ସ୍ୱଇଚ୍ଛାରେ ପୁରୀ କ୍ଷେତ୍ରରେ ପ୍ରକଟିତ ହୋଇଥିବାରୁ ଅନ୍ୟ ଧାମମାନଙ୍କ ଅପେକ୍ଷା ଶ୍ରୀକ୍ଷେତ୍ର ଧାମ ଅତ୍ୟନ୍ତ ପବିତ୍ର । ବର୍ଷରେ ଥରେ ପ୍ରଭୁ ରଥ ଉପରେ ବିଜେ କରି ଭକତ ଜନଙ୍କୁ ଦର୍ଶନ ଦିଅନ୍ତି । ଏହାକୁ ଘୋଷ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ପତିତ ପାବନ ଯାତ୍ରା କୁହାଯାଏ । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ଯାତ୍ରା ସର୍ବୋତ୍ତମ ଯାତ୍ରା। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଏହି ଯାତ୍ରାର ପରିସମାପ୍ତି ଘଟେ ନୀଳାଦ୍ରି ବିଜେରେ । ରଥ ଉପରେ ବାମନ ରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁର୍ନଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ଦାରୁବ୍ରହ୍ମ ମହାପ୍ରଭୁଙ୍କ ଦିବ୍ୟ ଆବାସସ୍ଥଳ ହେଉଛି ମର୍ତ୍ତ୍ୟବୈକୁଣ୍ଠ । ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ପାଇନଥିବା ଅଣହିନ୍ଦୁ ଶ୍ରଦ୍ଧାଳୁ ପ୍ରତିବର୍ଷ ରଥଯାତ୍ରାରେ ପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ପ୍ରତ୍ୟେକ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରୁ ରଥରେ ବସି ମହାପ୍ରଭୁ ଶ୍ରୀମନ୍ଦିର ସିଂହାସନକୁ ବାହୁଡିବା ପୂର୍ବରୁ ସୁନାବେଶ ପରଦିନ ଦ୍ୱାଦଶୀ ତିଥିରେ ରଥ ଉପରେ ଅଧରପଣା ଭୋଗ କରାଯିବା ବିଧି ରହିଛି । ରଥାରୂଢ ଠାକୁରଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ଲାଗି ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ । ରଥଯାତ୍ରା ସମୟରେ ବିଭିନ୍ନ ମଠ ତରଫରୁ ଦ୍ରବ୍ୟ ଯୋଗାଣ , ଚାମର ଓ ଆଲଟ ସେବା ପାଇଁ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି । ରାଘବ ଦାସ ମଠ ଓ ବଡ ଓଡିଆ ମଠ ପଣା ସାମଗ୍ରୀ ଦେବାର ପରମ୍ପରା ରହିଛି । ଅଧର ପଣା ଭୋଗ ପରମ୍ପରା ପ୍ରାୟ ୪୫୦ ବର୍ଷ ତଳର ବୋଲି ବିଭିନ୍ନ ପୁସ୍ତକରୁ ସୂଚନା ମିଳେ। ବହୁବର୍ଷ ପୂର୍ବେ ଅଧରପଣା ନୀତି ତିନିଦିନ ଧରି ରଥ ଉପରେ ପାଳନ କରାଯାଉଥିଲା। ଦଶମୀ ଦିନ ତିନି ହାଣ୍ଡି,ଏକାଦଶୀ ଦିନ ତିନିହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଏବଂ ଶ୍ରୀବଳଦେବଙ୍କ ରଥ ଉପରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଦୁଇଟି ସାନ ହାଣ୍ଡିରେ ଏହିପରି ୧୨ ହାଣ୍ଡି ଅଧର ପଣା ଭୋଗ ହେଉଥିଲା । ତେବେ ବର୍ତ୍ତମାନ ତିନି ରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି । ରାଘବଦାସ ମଠ, ବଡ ଓଡିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏଁ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଇଥାନ୍ତି । କୁମ୍ଭାରପଡା ଓ ମାଟିଆପଡାର କୁମ୍ଭକାରମାନେ କୁରାଳ ପଞ୍ଚମୀ ଦିନ ତୁମ୍ବି ଆକାରର ଏହି ଅଧର ହାଣ୍ଡି ପ୍ରସ୍ତୁତ କରି ଶ୍ରୀମନ୍ଦିର ଭଣ୍ଡାର ଘରେ ପୈଠ କରିଥାନ୍ତି । କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ । ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ଏଥି ପାଇଁ ରଥଗୁଡିକୁ ଧୂଆ ଯାଏ ଓ ଅଧରପଣା ଲୀଳା ପର୍ବ ଆରମ୍ଭ ହୁଏ । ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ କୂଅରୁ ଜଳ ଆଣନ୍ତି । କୂଅରୁ ଜଳ ଆଣିବା ସମୟରେ ମଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଭକ୍ତଙ୍କୁ ଆଡେଇଥାନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ । ମହାସୁଆରମାନେ ପ୍ରତି ରଥ ପାଇଁ ଗୋଟିଏ ଲେଖାଏଁ ବଡ ପିତ୍ତଳ ହାଣ୍ଡି ଆଣି ରଖନ୍ତି ଓ ଏଥିରେ ପାଣି ରଖାଯାଏ । ପଣା ପ୍ରସ୍ତୁତିରେ ନଅଟି ଦ୍ରବ୍ୟ ଯଥା- ସର, କ୍ଷୀର, ଛେନା, କଦଳୀ, ଗୋଲମରିଚ ଗୁଣ୍ଡ, କର୍ପୂର, ନବାତ, ଜାଇଫଳ, ପାଣି ବ୍ୟବହୃତ ହୋଇଥାଏ । ପାଳିଆ ମହାସୁଆର ରଥ ଉପରେ ଏସବୁ ରଖନ୍ତି । ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରନ୍ତି । ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କର ଶ୍ରୀଅଧର ଛୁଉଁଥିବା ଭିନ୍ନଭିନ୍ନ ଆକୃତିର ମାଟି ହାଣ୍ଡି ରଖାଯାଏ । ପଣାକୁ ଏହି ହାଣ୍ଡିରେ ଢଳାଯାଏ । ପଣା ହାଣ୍ଡିଗୁଡିକୁ ଅଧରକନା (ଧଳା ରଙ୍ଗର ନୂତନ କରିଆ)ରେ ଢାଙ୍କି ଦିଆଯାଏ । ପ୍ରତିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ପୂଜା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ପରେ ପାଳିଆ ପୂଜାପଣ୍ଡା ସେବକ ପଞ୍ଚୋପଚାରରେ ପୂଜା କରି ଶ୍ରୀଜୀଉମାନଙ୍କୁ ପଣା ଅର୍ପଣ କରନ୍ତି । ଏହି ପଣା ଭୋଗକୁ ଭକ୍ତମାନଙ୍କୁ ଦିଆଯାଇନଥାଏ । ମହାପ୍ରଭୁ ତାଙ୍କ ଯାତ୍ରା ଶ୍ରେଷ୍ଠ ଯାତ୍ରା ରଥଯାତ୍ରାକୁ ଦେବଦେବୀଙ୍କୁ ନିମନ୍ତ୍ରଣ କରିଥାନ୍ତି । ଯୋଗିମନୀ, ପିଶାଚ, ଯକ୍ଷ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଭକ୍ତମାନେ ବିଭିନ୍ନ ମାଧ୍ୟମରେ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାର ସୌଭାଗ୍ୟ ଲାଭ କରିଥାନ୍ତି । ପଶୁପକ୍ଷୀମାନେ ମଧ୍ୟ ପାଇଥାନ୍ତି । କିନ୍ତୁ ପିଶାଚ, ଚିରିକୁଣିମାନେ ଏଥିରୁ ବଞ୍ଚିତ ହୋଇଥାନ୍ତି । ତେଣୁ ଯାତ୍ରା ଶେଷରେ ପଣା ଦେଇ ସମସ୍ତଙ୍କୁ ଆପ୍ୟାୟିତ କରିଥାନ୍ତି । କାରଣ ସେମାନଙ୍କ ପାଇଁ ସମର୍ପଣର ବ୍ୟବସ୍ଥା ନାହିଁ । ରଥ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି। ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣ କର୍ତ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ହୋଇଥିବା ଅଧରପଣା ପାଇ ସେମାନେ ମୋକ୍ଷ ଓ ମୁକ୍ତି ପାଇଥାନ୍ତି । ଅଧରପଣା ନୀତି ପରେ ରଥ ଉପରେ ପାଣି ପକାଯାଇ ଧୁଆ ଯାଏ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହାସ୍ନାନ କରାଯିବା ସହ ବେଶ କରାଯାଏ। ଏହାପରେ ରଥ ଉପରେ ପ୍ରଭୁଙ୍କୁ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ମଇଲମ, ଚନ୍ଦନଲାଗି, ବଡସିଂହାର ବେଶ, ବଡସିଂହାର ଭୋଗ କରାଯାଏ । ଗରୁଡ ଶୟନ ନୀତି କରାଯାଇ ପ୍ରଭୁଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୁଏ ।






Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସେ ପରା ଅସରା ସୁଖ

ଜନ୍ମଜୟ ନାୟକ



ଦୁଃଖ କଷଣ ଭିଡ଼ରେ
 ସେ ପରା ଅସରା ସୁଖ,
 ସବୁ ଯାଏ ପାଶୋରି
 ଦେଖି ତା' କଳା ଶ୍ରୀମୁଖ ।

କେମିତି କହିବି ମୁଁ
 ମୋ ଛାତିର କୋହ,
କାଳେ ଯିବି ଭୁଲି
 ନ ଝରିଲେ ଲୁହ ।

ଜଗତ ପାଳୁଛି ଯିଏ
 କିଛି ନୁହଁଇ ଅଜଣା,
କାହିଁ କରିବି ମାଗୁଣି
 ନିଶ୍ଚେ କରିବେ କରୁଣା ।

ଗଡିଯିବି ମୁହିଁ ଥରେ
 ଶରଧାବାଲିରେ ଶାନ୍ତିରେ,
ଭିଡିନେବି ନନ୍ଦିଘୋଷ
 ଭକତି ଭରି ଅନ୍ତରେ ।

ଲଲାଟ ଲିଖନ ମୋର
 ଲୋତକ ସ୍ୟାହିରେ ଲେଖା,
ଅସହ୍ୟ ଜୀବନ ଜଞ୍ଜାଳ
 ତାରିପାରେ ସେହି ଏକା ।

ଗଣିତ ଶିକ୍ଷକ
ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ
ମୋ-୯୩୩୭୮୦୦୫୬୫

# ପ୍ରତିଯୋଗିତା

ମନୀଷା ପଣ୍ଡା



ପଳେଇଚାଲ ଢେର୍ ଦୂରକୁ
ଗାଁ ରୁ ସହର
ମାଟି ରାସ୍ତାରୁ କଂକ୍ରିଟ ପିଚୁ ରୋଡ୍
ଏଠି ପଛକୁ ବୁଲିପଡ଼ି ଅନେଇବା ମନା ,

ଆଖିଏ ସ୍ୱପ୍ନ ନେଇ
 ବଡ କୋଠା ଆଉ ପୁଳାପୁଳା ଟଙ୍କାର
ଏଠି ରାତିରେ ଶୋଇବା ମନା

ମାଳମାଳ କୋଠାର ମାର୍ବଲ୍ ଚଟାଣ
ଜକଜକ ଏଠି ସଫେଦ୍ ଚେହେରା
 ହେଲେ ଜାଲୁ ଜାଲୁଆ ବିବେକ ବିଚାର,
ନାହିଁ କୋଳାହଳ ପିଠା ପଣା ତେର ଯାତ
 ଖାଲି ଯାହା ଦରପୋଡ଼ା ଚିନ୍ତା ଓ ଚେତନା,

ସଞ୍ଜ ହେଲେ ଜହ୍ନ ଲୁଚିଯାଏ
ଡେଙ୍ଗା ଡେଙ୍ଗା ଲାଇଟ୍ ପୋଷ୍ଟ ଉତ୍ପାତରେ
କେତେ ଲାଲ୍ ନୀଳ ରଙ୍ଗୀନ୍ ଆଲୁଅର ରାଜୁତି,

ମେଦ ବହୁଳତାର ଧମକ ପାଇଁ
ଚାରି ରାଉଣ୍ଡ ଓ୍ୱାକ୍ କେତେ କଷ୍ଟରେ
କଳା ମିଚିମିଚି ରାସ୍ତା କଡ଼ରେ
ହାତ ତିଆରି ଘାସର ଗାଲିଚା
ସେଇଠି ଅଣ୍ଟାଳିବାକୁ ହେବ
ଶୁଦ୍ଧ ବାୟୁ ଆଉ ସୁସ୍ଥ ଜୀବନ

ତଥାପି ଜିତି ଗଲେ ମିଳିବ
କେତେ କ'ଣ
ପ୍ରତିଯୋଗିତା ଚାଲିଛି ପରା
ଆଗକୁ ଚାଲ
ପଛକୁ ଫେରିବା ମନା ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

# ଈଶ୍ୱର ପଡ଼ିଗଲେ

ସ୍ନିଗ୍ଧା ପଣ୍ଡା

ଅନ୍ଧାର ଘରୁ ବିଜେ କଲେ
କହିଥିଲେ କାନ୍ଧରେ ହାତ ରଖିବେ
ଅନ୍ଧକୁ ଆଖିଦେବେ
ପଙ୍ଗୁକୁ ପାଦ ଦେବେ
ଦାଣ୍ଡ ପଡୁଥିଲା ଉଠୁଥିଲା
ଅଧା ହସଟିଏ ଓଠରେ ଝୁଲେଇ
ନିଜେ ଝୁଲିଲେ
ସବୁ ଛଳନାକୁ ଗୋଟେ ଫୁ -ରେ ଉଡ଼େଇ
ଈଶ୍ୱର ପଡିଗଲେ ।

ଭିତିରି କଥା କଣ ଥିଲା ଯେ
ତନ୍ତ ମନ୍ତ ଷଡ଼ଯନ୍ତ୍ରରେ ତରଳୁଥିଲା ଆକାଶ
ଆକାଶରୁ ଖସୁଥିଲା ତାରା
ହୁଗୁଳି ଯାଉଥିଲା ସମର୍ପଣର ଆଲିଙ୍ଗନ
ସେତିକିବେଳେ ଚିହ୍ନା ଶତ୍ରୁ ଆଗରୁ ପଛରୁ
ଚାରିଆଡୁ ଘେରି ଆସିଲେ

ଅଧା ଅଧା ନମସ୍କାର
ଅଧା ଅଧା ଆଶୀର୍ବାଦ ଭିତରେ
ନିଜର ପରିଚୟ ହଜେଇ
ଈଶ୍ୱର ପଡ଼ିଗଲେ ।

ବଡ଼ଘର ସାନଘର କଳିରେ
ଦୁଲୁକି ଉଠୁ ଥିଲା ଦାଣ୍ଡ
ଏଣେ ତେଣେ ଦଉଡୁଥିବା ମଝି ଘରର ଠାକୁର
ନିଜ ସହ ସବୁଠୁ ବେଶି ଆଳାପରେ
ନିର୍ବୋଧ ବୋଲି ଗଣାହେଲେ
ତଳ ତଳ ପଦ୍ମପତ୍ରର ପାଣି ପରି
ଅଛିରେ ନାହିଁ କିମ୍ବା ନାହିଁରେ ଅଛିର
ଅର୍ଥ ଓ ସମ୍ବଳ ଖୋଜୁଥିବା କଲମମାନଙ୍କ ଆଡ଼େ
ନୀରବ ବିଦ୍ରୂପଟେ ଫିଙ୍ଗି
ଈଶ୍ୱର ପଡ଼ିଗଲେ ।



କଅଁଳ ଓଠରୁ ଗୀତମାନେ ସରିଯାଇଥିଲେ
ତାଳ ତାଳ ପାଣି ଭିତରୁ
ପୃଥିବୀକୁ ଟେକି ଧରିଥିବା
ବିଶ୍ୱାସର ଗଣ୍ଡି ମାନେ ଘୋଷରା ହେଉଥିଲେ
ହେଲେ ବିଦୀର୍ଣ୍ଣ ଛାତିରୁ ଝରୁ ନ ଥିଲା ରକ୍ତ
ବହୁ ନ ଥିଲା ଅଣଚାଷ
ମିଛ ନିଷ୍ପାମାନଙ୍କ ଅଣନିଃଶ୍ୱାସୀ ଭିଡ଼ରେ
ମଣିଷର ପାପ ବୋହି ବୋହି
ଶେଷରେ ଈଶ୍ୱର ପଡ଼ିଗଲେ ।

ମୋ-୯୮୬୧୩୨୩୬୫୦

# ଛୁରୀ

ଡ. ଦୀପକ କୁମାର ମିଶ୍ର



ଯାତ୍ରା ତା'ର ଅତ୍ୟନ୍ତ ଦ୍ୱନ୍ଦ୍ୱମୟ
ନାହିକାଟରୁ ମୁଣ୍ଡକାଟ
ଡାକ୍ତରଖାନାରୁ ସୈନିକର ଅଣ୍ଟା
କଚକଚ ସୌଖିନ କାନ୍ଦଣାର ଜତୁଘରୁ
ପ୍ରେମର ଲଫାଫା ।

ସେ କ'ଣ ଜାଣିଥିଲା
ଅନ୍ତୁଡ଼ିରେ ଫିତା କାଟି ଖୁସିକୁ ଉନ୍ମୋଚନ
କରିବାର ଶ୍ରଦ୍ଧା
କେବେଦିନେ ପୁଣି ବୁହାହିବ ରକ୍ତ
ଭାଗବଖରାର ଦୁର୍ଭାଗ୍ୟ ଖସଡ଼ାରେ
ହାଣି ସେହି ଖୁସିଟିର ଗଳା ।

ଏଇ ତ ଏବେ ଫେରିଚି
ମଣିବନ୍ଧରେ ରକ୍ତର ସୁଅଟେ କାଟି
କରିବାକୁ ମିଛ ଆସକ୍ତିର ମନ୍ଦିର ପ୍ରତିଷ୍ଠା ।

ବୋଦା ବେକକୁ ଛୁଇଁ
ଦେହୁରୀ ହାତରେ ଥିଲାବେଳେ
ସେ ଆଦୌ ବୁଝିପାରେନା
ଧର୍ମ ଧାରଣରେ
ତା'ର ବା କି ଆବଶ୍ୟକତା ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ଯୋଡ଼ା: ରଥଯାତ୍ରା

ସାରଦା ପ୍ରସାଦ ଆଚାର୍ଯ୍ୟ



କଥା ଦେଇଥିଲି
ରଥେ ବସାଇ ରଥକୁ ଯିବି
ରଥି ସାଜି ସାଥିକୁ ନେଇ ।
ଘୁଞ୍ଚି ଆସିଲା ପୁରୀ
ଛୋଟ ହୋଇଗଲା ଦିଗବଳୟ
ଲାଗିଗଲା ନଗରୀ
ଯୋଡ଼ି ହେଲା ପୁର ଆଉ ପୁରୀ
ହାତରେ ହାତରଖି କହିଲି ସଖି
ହେଇଟି ଦେଖ, ତୁମ ଜଗନ୍ନାଥ
ଭିଡ଼ ଭିତର ଭିଡ଼ି ରଥ ଦଉଡ଼ି
ଯୋଡ଼ି ହେଇଯାଉ ହୃଦୟ, ମନ ?
ତୁମ ଚଇତନ ଜଗନ୍ନାଥରେ
ଏଠି ଯିଏ, ସେଠି ସିଏ
ଏକା ତୁମେ,ଏକା ମୁଁ,ଏକା ଜଣେ
ରଥଟା ଗଡ଼ି ଗଲା ଆଜି ଯୋଡ଼ା
ଦାଣ୍ଡରେ ।

ଯୋଡ଼ା -କେନ୍ଦୁଝର
ମୋ- ୮୬୩୭୨୧୩୮୨୫

# ବର୍ଷା

ସୁଦର୍ଶନ ମହାପାତ୍ର

ଶାନ୍ତି ପ୍ରଦାୟିନୀ ମଙ୍ଗଳକାରିଣୀ
ବର୍ଷା ସତେ ଅବିକଳ୍ପ
ତା ଦିବ୍ୟ ଛୁଆଁରେ ବସୁନ୍ଧରା ଏବେ
ସୃଷ୍ଟି ସର୍ଜନାରେ ରତ ।।

ବର୍ଷା ପାଇଁ ସିନା ପ୍ରକୃତି ସୁନ୍ଦରୀ
ଦିଶୁଥାଏ ଅପସରା
ସବୁଜ ରଙ୍ଗର ବେଶ ପରିପାଟୀ
ମଖମଲି ହସ ତୋରା ।।

ଛଳଛଳ ହୋଇ ବହିଯାଏ ନଈ
ବର୍ଷା ପାଇଁ ପୂର୍ଣ୍ଣଗର୍ଭା
ଟାଙ୍ଗରା ପର୍ବତ ଶ୍ୟାମଳ ସୁଜଳ
ନବ ଯଉବନ ଶୋଭା ।।

ଚପଳା ବିଜୁଳି ଚମକ ଛନ୍ଦରେ
ବିଭାବରୀ ଝଲମଲ



ବରଷା ଗୋପନେ ପ୍ରଣୟୀ ଦେହରେ
ଫୁଟାଇଛି ପ୍ରୀତିଫୁଲ ।।

ନିରାଶା କପାଳ ପୁଣି ନିନାଦିତ
ନବୀନ ପୁଲକ ନେଇ
ବରଷା ସାନ୍ନିଧ୍ୟେ ଉନ୍ମେଷିତ ଆଜି
ମରୁ ପ୍ରାନ୍ତ ବନ ଭୂଇଁ ।।

ଚାତକ ଚଞ୍ଚୁରେ ଚିରୁଡାଏ ହସ

ଫୁଟାଇଛି ପରା ବର୍ଷା
କ୍ଷେତୁଆ ପ୍ରାଣରେ ଅଙ୍କୁରାରୋପଣ
ପ୍ରତିଭାତ ଜିଜୀବିଷା ।।

ବର୍ଷା କେବେ ରଚେ ମହା ବିଭୀଷିକା
ପ୍ରତି ପ୍ରାଣେ ଭରେ ତ୍ରାସ
ଅତିକ୍ରମ କରେ ସୀମା ସରହଦ
ବିଧାତା ରହିତାଦେଶ ।।

କୁଞ୍ଜବିହାରୀ ଲେନ,
କଟକ

# ସ୍ମୃତି

ସ୍ନେହଲତା ନାୟକ

ସ୍ମୃତି କେବେ ପାରିଜାତ ବନ
ବଉଳ ଅରଣ୍ୟ
ପ୍ରୀତି ନିର୍ଝରିଣୀ ଧାର ।
ସ୍ମୃତି କେବେ ହଜିଲା ଅତୀତ
ମଳୟ ମହକ
କୋଇଲି ର କୁହୁସ୍ୱର ।

ସ୍ମୃତି କେବେ ଭିଜାଭିଜା ପ୍ରେମ
ଅତୁଟ ବନ୍ଧନ
ପ୍ରଣୟର ସାହାନାଇ ।
ସ୍ମୃତି କେବେ ଉଦାସ ମନରେ
ଝାପସା ଅନ୍ଧାରରେ
ଅସ୍ପଷ୍ଟ କାହାର ଛାଇ ।

ସ୍ମୃତି କେବେ ଫୁଲର ଉଦ୍ୟାନ
ଜୀବନ ଆକାଶେ
ପୁନେଇଁ ଜହ୍ନର ରାତି ।
ସ୍ମୃତି କେବେ ହଜାରେ ଫଗୁଣ
ପ୍ରୀତିର ପାର୍ବଣ
ଅମରାବତୀର ଗୀତି ।

ସ୍ମୃତି କେବେ ସପନ ବିପଣୀ
ଜୀବନ ବେଦୀରେ
ଗୋପନ କାହାଣୀ ପେଡି ।



ସ୍ମୃତି କେବେ ସିନ୍ଦୁକେ ସାଇତା
ପୁରୁଣା ଚିଠିରୁ
ଲିଭି ଆସୁଥିବା ଧାଡ଼ି ।

ବାରିପଦା

# ତୋ କଥା

ସିଦ୍ଧେଶ୍ୱର ତ୍ରିପାଠୀ


ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମଠୁ ବସନ୍ତ ଯାଏଁ
ଅବୁଝା ଏମନ ବିରହରେ ଜଳେ
ପ୍ରିୟା ତୋତେ ଝୁରୁଥାଏ ।

ଖରାରୁ ବରଷା ବରଷାରୁ ଶୀତ
ଅବା ଆସେ ଯେତେ ପାଗ
ତୋ ପ୍ରେମ ଜାଲରୁ ମୁକୁଳି ପାରେନି
ବଢୁଥାଏ ଅନୁରାଗ ।

ଅବୁଝା ଏମନ ଆଜିବି କହୁଛି
ଭଲପାଏ ଭଲପାଏ
ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମଠୁ ବସନ୍ତ ଯାଏ ।

ଦେହର ଦହନ ମନର ଗହନ
ଦୁନିଆଁ ପାରେନି ଦେଖି
ହସ ଖୋଜୁ ଖୋଜୁ ଅନ୍ଧାର ଆସଇ
ଲୁହରେ ଭିଜେ ଏ ଆଖି ।

ବୁଝିବା ଲୋକ ତ ବୁଝି ପାରିଲାନି
ଆଉବା ବୁଝିବ କିଏ
ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମଠୁ ବସନ୍ତ ଯାଏଁ ।



ଖୋର୍ଦ୍ଧା

# ଯୋଜନ ଗନ୍ଧା

ହରିଶ୍ଚନ୍ଦ୍ର ବେହେରା

ଅଦିନ କୁହୁଡ଼ି ଦେଖିଲେ
ଆଖି ଆଗକୁ ଆସିଯାଏ ଦୁଇ କୂଳ ଭାଙ୍ଗି
ବୋହି ଯାଉଥିବା ନଈ ଆଉ ନାଆଟିଏ

ଦେଖ ଦେଖ ସିଙ୍ଗାଣିନାକି ଝିଅଟି
ନାଆ ବାହୁଛି
କି ଛିନକାନିଆ ଦେହ
ଆଇଁଷିଣା ଗନ୍ଧ

କିଏ ଜଣେ କହି ପକେଇଲା ଏ କେଉଟ ସାହିର
ଗାଁଡୁ ବେହେରା ଝିଅ
ବାପକୁ ଶକ୍ତ ବେମାରି ମା' ପରଘରି
ଝିଅ ରୋଜଗାରରେ
ବଉଁଶ ଆତଯାତ
ନ ହେଲେ ଅଜଳା ରହେ ଚୁଲି

ଅନୂଢା କିଶୋରୀ
ଫୁଲ ପରି ନରମ ହାତରେ ବାହୁଥାଏ ନାଆ
ଡାକୁଥାଏ ଆସ ଆସ ପାରି କରିଦେବି ଏତ ଜୁଆରିଆ ନଈ

କଣ୍ଢେଇ ଖେଳର ଦିନ ସବୁ ବିତିଗଲା
ଟୋପା ଟୋପା ଅଭିମାନୀ ଲୁହ ହୋଇ
କେତେ ବସନ୍ତ ଆଉ ବର୍ଷା ଚାଲିଗଲେ ଏଇ ବାଟେ
କୁଣ୍ଠିତ କୁମାରୀତ୍ୱକୁ ଛୁଇଁ

ସଜ ସକାଳର ପବିତ୍ର ବିଶ୍ୱାସ ପାଖରେ
ଠିଆ ହୋଇଛନ୍ତି ଏ କେଉଁ ମୁନିବର
ନଈ ପାରି ହେବେ ଓଃ କି ଭାଗ୍ୟ ତା'ର
ପିନ୍ଧିଥିବା ପଣତରେ ପୋଛିଦେଲା ନାଆ ଆଉ ପାଦ

ନଈ ମଝିରେ ହଠାତ୍ ଭାସିଆସିଲା କେଉଁଠୁ
ମହ ମହ ଅଗୁରୁ ଧୂପ ବାସ୍ନା
ନାଆ ଚାରିପଟ ଢାଙ୍କି ହୋଇଗଲା ଅଦିନ କୁହୁଡ଼ି
କେଉଁଠି ଥିଲା

ସଂକ୍ଷିପ୍ତ ଋତୁଟିଏ ଓଲ୍ଲୁହି ଆସିଲା ନଈକୁ
ଶୁଭିଲା କଷି ବସନ୍ତର କୁ-ହୁ

ମତ୍ସ୍ୟ ଗନ୍ଧା ପାଲଟି ଗଲା ଯୋଜନ ଗନ୍ଧା
ସାହାନାଇ ବାଜିଲାନାହିଁ
ରୋଶଣି ଜଳିଲା ନାହିଁ
କୁମାରୀ କନ୍ୟା ହୋଇଗଲା ମଆଟିଏ

କୃଷ୍ଣଦ୍ୱୀପରୁ ଶୁଭିଲା ସଦ୍ୟଜାତ ଶିଶୁଟିର
ଅଥୟ କୁଆଁ

ଭାଙ୍ଗି ଆସିଥିଲା ନଈ
କୋରକିତ ପଦ୍ମକଢ଼ି କେମିତି ଫୁଟିଲା
କେହି ପଚାରିଲେ ନାହିଁ !!



କଲ୍ୟାଣ ନଗର, ବାଲେଶ୍ୱର-୧ ମୋ-୯୪୩୭୮୧୩୭୦୮

## ଶ୍ରୀଲଙ୍କା ମ୍ୟାଚ୍ ପାଇଁ ଭାରତୀୟ ଦଳ ଘୋଷଣା

# ଟି-୨୦ ଅଧିନାୟକ ହେଲେ ସୂର୍ଯ୍ୟକୁମାର



**ନୂଆଦିଲ୍ଲୀ**

ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଏବଂ ଟି -୨୦ ସିରିଜ ପାଇଁ ଭାରତ ଦଳ ଘୋଷଣା କରିଛି । ସୂର୍ଯ୍ୟକୁମାର ଯାଦବଙ୍କୁ ଟି -୨୦ ଅଧିନାୟକ କରାଯାଇଛି ।

ଭାରତର ଟି -୨୦ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମାନ ଗିଲ (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ, ରିୟାନ ପରାଗ, ରିଷଭ ପନ୍ତ (ଉଇକେଟ୍ କିପର), ସଞ୍ଜୁ ସାମସନ (ଉଇକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ଖଲିଲ ଅହମ୍ମଦ, ମହମ୍ମଦ ସିରାଜ ।

ଦିନିକିଆ ଦଳ : ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, କେ.ଏଲ ରାହୁଲ (ଉଇକେଟ୍ କିପର), ରିଷଭ ପନ୍ତ (ଉଇକେଟ୍ କିପର), ଶ୍ରେୟସ ଆୟର, ଶିବମ ଦୁବେ, କୁଳଦୀପ ଯାଦବ, ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ରିଆନ ପରାଗ, ଅକ୍ଷର ପଟେଲ, ଖାଲିଲ ଅହମ୍ମଦ, ହର୍ଷିତ ରାଣା ।

# ଏସିଆ କପ୍ : ଆଜି ଭାରତ-ପାକିସ୍ତାନ ମହିଳା ଟି-୨୦



**ନୂଆଦିଲ୍ଲୀ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ଦେଖିବାକୁ ପ୍ରଶଂସକମାନେ ସର୍ବଦା ଆଗ୍ରହୀ ରହିଥାନ୍ତି । ଜୁନ୍ ମାସରେ ଖେଳାଯାଇଥିବା ୨୦୨୪ ଟି-୨୦ ବିଶ୍ୱକପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ଦେଖାଦେଇଥିଲା । ଏହା ପରେ ଭାରତ ଏବଂ ପାକିସ୍ତାନର କ୍ରିକେଟ ଦଳ ମଧ୍ୟରେ ପୁଣି ଥରେ ମୁହାଁମୁହିଁ ହେବେ । ପ୍ରତ୍ୟେକ ଥର ପରି, ଏଥର ମଧ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ରୋମାଞ୍ଚକର ପ୍ରତିଯୋଗିତା ଦେଖିବାକୁ ମିଳିବ ।

ମହିଳା ଏସିଆ କପ୍-୨୦୨୪ ଶୁକ୍ରବାର ଠାରୁ ଆରମ୍ଭ ହେବ । ଜୁଲାଇ ୧୯ରେ ଟି-୨୦ ଫର୍ମାଟରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ନେପାଳ ଏବଂ ୟୁଏଇର ମହିଳା ଦଳ ମଧ୍ୟରେ ଖେଳାଯିବ । ତେବେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଭାରତ ଏବଂ ପାକିସ୍ତାନର ମହିଳା ଦଳ ମଧ୍ୟରେ ହେବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ । ଶ୍ରୀଲଙ୍କା ମହିଳା ଏସିଆ କପ୍ ଆୟୋଜନ କରୁଛି । ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ଡାମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ ।

ଭାରତ ଏବଂ ପାକିସ୍ତାନର ମହିଳା ଦଳ ପରସ୍ପର ବିପକ୍ଷରେ ଖେଳି ଏସିଆ କପ୍‌ରେ ଅଭିଯାନ ଆରମ୍ଭ କରିବେ । ଏସିଆ କପରେ ସମୁଦାୟ ଆଠଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯାହାକୁ ପ୍ରତ୍ୟେକ ୪ଟି ଦଳରେ ବିଭକ୍ତ କରାଯାଇଛି । ଗ୍ରୁପ-ଏରେ ଭାରତ ଏବଂ ପାକିସ୍ତାନ ଦଳ ଅଛନ୍ତି । ଭାରତ-ପାକିସ୍ତାନ ବ୍ୟତୀତ ୟୁଏଇ ଏବଂ ନେପାଳର ମହିଳା ଦଳ ମଧ୍ୟ ଏହି ଦଳରେ ରହିଛନ୍ତି । ଗ୍ରୁପ ବିରେ ଶ୍ରୀଲଙ୍କା, ମାଲେସିଆ, ଥାଇଲ୍ୟାଣ୍ଡ ଏବଂ ବାଂଲାଦେଶର ମହିଳା ଦଳ ସାମିଲ ଅଛନ୍ତି ।

ମହିଳା ଏସିଆ କପ୍ ୨୦୨୪ରେ ହରମାନପ୍ରୀତ କୌରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍ ଜୁଲାଇ ୧୯ରେ ପାକିସ୍ତାନ ବିପକ୍ଷରେ ଖେଳିବ । ତେବେ ଦଳର ଦ୍ୱିତୀୟ ମ୍ୟାଚ୍ ରବିବାର ଜୁଲାଇ ୨୧ରେ ୟୁଏଇ ବିପକ୍ଷରେ ହେବ । ଏହା ପରେ ଗ୍ରୁପ୍ ପର୍ଯ୍ୟାୟରେ ଟିମ୍ ଇଣ୍ଡିଆର ଶେଷ ମ୍ୟାଚ୍ ୨୩ ଜୁଲାଇ ମଙ୍ଗଳବାର ନେପାଳ ବିପକ୍ଷରେ ହେବ ।

## ଏଏଫ୍‌ସି ମହିଳା ଚମ୍ପିଆନ୍ସ ଲିଗ୍

# ଜୋର୍ଡାନ, ସିଙ୍ଗାପୁର ଦଳ ସହିତ ଓଡ଼ିଶା ଏଫ୍‌ସି




**ନୂଆଦିଲ୍ଲୀ**

ଏଏଫସି ମହିଳା ଚମ୍ପିଆନ୍ସ ଲିଗ୍ ୨୦୨୪-୨୫ ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ଇଥିଆଡ କ୍ଲବ୍(ଜୋର୍ଡାନ) ଏବଂ ଲାୟନ ସିଟି ସେଲର୍ସ ଏଫସି (ସିଙ୍ଗାପୁର) ସହିତ ଗ୍ରୁପ-ବି ରେ ସ୍ଥାନ ପାଇଛି । ଗୁରୁବାର ମାଲେସିଆର କୁଆଲ ଲାମପୁରରେ ଅନୁଷ୍ଠିତ ଡ୍ର'ରେ ଏହା ଘୋଷଣା କରାଯାଇଛି ।

ଇଣ୍ଡିଆନ ମେନ୍ସ ଲିଗ୍ ଚମ୍ପିୟନ ଓଡ଼ିଶା ଏଫ୍‌ସି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଜୋର୍ଡାନ ଗସ୍ତ କରିବ, ଯାହା ଅଗଷ୍ଟ ୨୫ରୁ ୩୧ ପର୍ଯ୍ୟନ୍ତ ଖେଳାଯିବ । ଏହି ଲିଗ୍‌ର ପ୍ରାଥମିକ ପର୍ଯ୍ୟାୟରେ ୧୩ ଦଳ ଅଂଶଗ୍ରହଣ କରିବେ, ଯାହାଙ୍କୁ ଚାରୋଟି ଗ୍ରୁପରେ ଭାଗ କରାଯାଇଛି । ଗୋଟିଏ ଗ୍ରୁପରେ ଚାରୋଟି ଟିମ୍ ରହିଥିଲା ବେଳେ ତିନୋଟି ଟିମ୍‌ରେ ତିନିଟି ଲେଖାଁ ଦଳ ରହିବେ । ଏହି ଚାରୋଟି ଗ୍ରୁପ ବିଜୟୀ ଦଳ ଆଗାମୀ ୧୨ ଟିମ୍ ରାଉଣ୍ଡକୁ ଉନ୍ନୀତ ହେବେ, ଯେଉଁଠି ପୂର୍ବରୁ ୮ ଟିମ୍ ସିଧାସଳଖ ଯୋଗ୍ୟତା ପ୍ରାପ୍ତ କରିଛନ୍ତି ।

# ରାଜ୍ୟ ସନ୍ତରଣ ମିଟ୍‌ରେ ଯୋଗଦେବେ ମୟୂରଭଞ୍ଜର ୧୬ ଯୁବ ସନ୍ତରଣ କ୍ରୀଡ଼ାବିତ୍



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ସନ୍ତରଣ ଆସୋସିଏସନର ମିଳିତ ଉଦ୍ୟମରେ ମୟୂରଭଞ୍ଜ ସଦର ମହକୁମା ବାରିପଦା ସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାରର ୧୬ ଜଣ ଜିଲ୍ଲା ସ୍ତରୀୟ ସନ୍ତରଣ କ୍ରୀଡ଼ାବିତ୍ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସନ୍ତରଣ ମିଟରେ ଯୋଗଦାନ କରିବାକୁ ଯାଇଛନ୍ତି । ଏହି ୧୬ ଜଣିଆ ଦଳରେ ୧୧ ଜଣ ବାଳକ ଓ ୫ ଜଣ ବାଳିକା ଥିବାର ସୂଚନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଦେଇଛନ୍ତି । ଏହି ରାଜ୍ୟ ସ୍ତରୀୟ ସନ୍ତରଣ ମିଟ୍‌ରେ ବଟରଫ୍ଲେ, ୧୦୦ ମି, ୨୦୦ ମି ବ୍ୟାକ ଷ୍ଟ୍ରୋକ, ଫ୍ରି ଷ୍ଟାଇଲ ଭଳି ବିଭିନ୍ନ ସନ୍ତରଣ କ୍ରୀଡ଼ା ବିଭାଗରେ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ । ଜିଲ୍ଲାପାଳଙ୍କ ତରଫରୁ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଏହି ଯୁବ ଉଦୀୟମାନ ସନ୍ତରଣ କ୍ରୀଡ଼ାବିତ୍‌ମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଯାଇଛି ।

# ଆମେରିକାରେ ବିଶ୍ୱକପ୍ ଆୟୋଜନ କରି ୧୬୭ କୋଟି ହରାଇଲା ଆଇସିସି




**ନୂଆଦିଲ୍ଲୀ**

ଆମେରିକାରେ ପ୍ରଥମଥର ଟି-୨୦ ବିଶ୍ୱକପ୍ ଆୟୋଜନ କରି ଆଇସିସି ନୂଆ ଇତିହାସ ସହ ନିଜର ଛାପ ଛାଡ଼ିବାକୁ ଚେଷ୍ଟା କରିଥିଲା । କିନ୍ତୁ ଆମେରିକାରେ ଟି-୨୦ ବିଶ୍ୱକପର ଅଧିକାଂଶ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଆୟୋଜନ କରି ଆଇସିସି ୧୬୭ କୋଟି ବା ୨୦ ମିଲିୟନ ଡଲାରର କ୍ଷତି ସହିଛି । ମ୍ୟାଚ୍‌ରୁ ଆଇସିସି ଯେତିକି ଆଶା କରିଥିଲା, ସେହି ଅନୁସାରେ ଫଳ ପାଇନାହିଁ । ଆମେରିକାରେ ମଧ କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବାରେ ଆଇସିସି ସଫଳତା ହାସଲ କରିପାରି ନାହିଁ । ଶୁକ୍ରବାର ଠାରୁ ୨୨ ତାରିଖ ଯାଏ କଲମ୍ବୋରେ ଆଇସିସିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହା ପୂର୍ବରୁ ଏପରି ଆର୍ଥିକ କ୍ଷତିର ରିପୋର୍ଟ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି ।

ପ୍ରକାଶ ପାଇଥିବା ରିପୋର୍ଟରେ କୁହାଯାଇଛି ଯେ ଆଇସିସି ଟି-୨୦ ବିଶ୍ୱକପର ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ଆମେରିକାରେ ଆୟୋଜନ କରିଥିଲା । ଏହା ମଧ୍ୟରେ ବହୁପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚ୍ ନ୍ୟୁୟର୍କରେ ଆୟୋଜନ କରାଯାଇଥିଲା । ଏହି ସବୁ ମ୍ୟାଚରୁ ଆଇସିସି ଯେତିକି ଆର୍ଥିକ ଲାଭ ପାଇବ ବୋଲି ଆଶା ରଖିଥିଲା, ସେପରି ହୋଇନାହିଁ । ୧୬୭ କୋଟି ଟଙ୍କାର କ୍ଷତି ସହିବା ପରେ ଆଇସିସିର ଯୋଜନା ଓ କାର୍ଯ୍ୟକାରିତାକୁ ନେଇ ଚିନ୍ତା ପ୍ରକାଶ ପାଇଛି ।

ଆମେରିକାରେ ଆଇସିସିକୁ ଲଜିଷ୍ଟିକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା । ଆଶା ଠାରୁ କମ୍ ଟିକେଟ ବିକ୍ରି ହୋଇଥିଲା । ଭାରତ-ପାକିସ୍ତାନ ମ୍ୟାଚ୍‌ରେ ମଧ ଆଶା ଅନୁସାରେ ଟିକେଟ ବିକ୍ରି ହୋଇ ନଥିଲା । ଆମେରିକାରେ ଅପରେସନାଲ ଖର୍ଚ୍ଚ ମଧ ଅଧିକ ରହିଥିଲା । ବର୍ଷା ଯୋଗୁ ଅଧିକାଂଶ ମ୍ୟାଚ୍‌କୁ ମଧ ବାତିଲ କରିବାକୁ ପଡ଼ିଥିଲା । ଏକାଧିକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ ହୋଇପାରି ନଥିଲା । ତେଣୁ ଆଇସିସିକୁ ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିବା ଓ ଖେଳାଳିଙ୍କୁ ଉପଯୁକ୍ତ ସେବା ଦେବାରେ ମଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏବେ ୧୬୭ କୋଟି ଟଙ୍କାର କ୍ଷତି ଆଇସିସିର ପୀଡ଼ାକୁ ଆହୁରି ବଢ଼ାଇ ଦେଇଛି । ଏହା ଉପରେ ଆଇସିସିର ବାର୍ଷିକ ସମ୍ମିଳନୀରେ ଆଲୋଚନା ହେବ । ଏହାପରେ ଭବିଷ୍ୟତରେ ଆଇସିସି କିପରି କ୍ଷତି ସହିବ ନାହିଁ, ତା' ଉପରେ ମାନସମନ୍ଥନ କରିବ ବୋଲି ଜଣାପଡ଼ିଛି ।

# ଅଲଗା ହୋଇଗଲେ ନତାଶା-ହାର୍ଦ୍ଦିକ, ସୋସିଆଲ ମିଡିଆରେ କଲେ ଘୋଷଣା



**ମୁମ୍ବାଇ**

ଟିମ୍ ଇଣ୍ଡିଆର ଅଲରାଉଣ୍ଡର ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ପତ୍ନୀ ନତାଶା ଅଲଗା ହୋଇଯାଇଛନ୍ତି । ଉଭୟ ଶୁକ୍ରବାର ନିଜର ଛାଡ଼ପତ୍ର ବାବଦରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି ନତାଶା । ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ ଉଭୟ ପାରସ୍ପରିକ ସମ୍ମତି ସହିତ ଅଲଗା ହୋଇଯାଇଛନ୍ତି । ହାର୍ଦ୍ଦିକ ଏବଂ ନତାଶା ୨୦୨୦ରେ ବିବାହ କରିଥିଲେ । କିନ୍ତୁ ବର୍ତ୍ତମାନ ପ୍ରାୟ ୪ ବର୍ଷ ପରେ ଦୁହେଁ ଅଲଗା ହୋଇଯାଇଛନ୍ତି । ନତାଶା ତାଙ୍କ ପୋଷ୍ଟରେ ପୁଅ ଅଗସ୍ତ୍ୟଙ୍କ ବିଷୟରେ ମଧ ଉଲ୍ଲେଖ କରିଛନ୍ତି । ନତାଶା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ଲେଖିଛନ୍ତି, ପ୍ରାୟ ୪ ବର୍ଷ ପରେ ହାର୍ଦ୍ଦିକ ଏବଂ ମୁଁ ପାରସ୍ପରିକ ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ । ଆମେ ଦୁହେଁ ଏକାଠି ରହି ନିଜର ସର୍ବଶ୍ରେଷ୍ଠ ସମୟ ଦେଇଥିଲୁ । କିନ୍ତୁ ବର୍ତ୍ତମାନ ଦୁହେଁ ସମାନ ନିଷ୍ପତ୍ତି ନେଇଛୁ । ଏହା ଆମ ପାଇଁ ବହୁତ କଷ୍ଟସାଧ ନିଷ୍ପତ୍ତି ଥିଲା । ଅଗସ୍ତ୍ୟ ଆମର ଉଭୟ ଜୀବନର ଏକ ଅଂଶ ହୋଇ ରହିବ । ଆମେ ଦୁହେଁ ତାଙ୍କୁ ସମସ୍ତ ଖୁସି ଦେବାକୁ ଚେଷ୍ଟା କରିବୁ । ହାର୍ଦ୍ଦିକ ଏବଂ ନତାଶା ଇନଷ୍ଟାଗ୍ରାମରେ ସମାନ ପୋଷ୍ଟ ସେୟାର କରିଛନ୍ତି । ଦୁହେଁ ୨୦୨୦ରେ ବିବାହ କରିଥିଲେ । ପାଣ୍ଡ୍ୟା ଏବଂ ନତାଶାଙ୍କ ଛାଡ଼ପତ୍ର ଖବର ଦୀର୍ଘ ଦିନ ଧରି ଚାଲିଥିଲା । କିନ୍ତୁ ବର୍ତ୍ତମାନ ଉଭୟ ନିଶ୍ଚିତ କରିଛନ୍ତି । ପାଣ୍ଡ୍ୟା ଏବଂ ନତାଶା ୩୧ ମଇ ୨୦୨୦ରେ ବିବାହ କରିଥିଲେ । ସେହି ବର୍ଷ ତାଙ୍କ ପୁଅ ଅଗସ୍ତ୍ୟ ଜନ୍ମ ହୋଇଥିଲା ।

# ଚିଙ୍ଗୁଡି ଘେରି ହରାଉଛି ଚିଲିକାର ସୌନ୍ଦର୍ଯ୍ୟ : ପର୍ଯ୍ୟଟକ ନିରାଶ

**ବ୍ରହ୍ମଗିରି, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଚିଲିକାର ସ୍ଥାନ ସ୍ୱତନ୍ତ୍ର । ପର୍ଯ୍ୟଟନ ଋତୁରେ ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀଙ୍କ ସମାବେଶ ଚିଲିକାର ଶୋଭା ବୃଦ୍ଧି କରିଥାଏ । ଚିଲିକାରେ ଡଲଫିନ୍ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥିବାବେଳେ ସମୁଦ୍ର ମୁହାଣ, ଡଲଫିନ୍ ଓ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ଦେଶବିଦେଶର ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି । ସରକାର ଚିଲିକାକୁ ଗୁରୁତ୍ୱ ଦେଇ ଏହାର ବିକାଶ ପାଇଁ ଚିନ୍ତା କରୁଥିବାବେଳେ ଚିଲିକା ଏବେ ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ତହସିଲ ପକ୍ଷରୁ ଘେରି ଉଚ୍ଛେଦ କାର୍ଯ୍ୟ ବର୍ଷେ ହେଲା ଚାଲିଛି । ସରକାର ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି । ଏବେବି ଶହଶହ ଏକର ଚିଙ୍ଗୁଡ଼ି ଘେରି ରହିଥିବାବେଳେ ଏଥିଯୋଗୁଁ ଚିଲିକା ଏହାର ସୌନ୍ଦର୍ଯ୍ୟ ହରାଉଛି । ଏହି ଚିଙ୍ଗୁଡ଼ି ଘେରିକୁ ନେଇ ଅନେକ ସମୟରେ ମତ୍ସ୍ୟଜୀବୀ ଓ ଅଣ-ମତ୍ସ୍ୟଜୀବୀଙ୍କ ମଧ୍ୟରେ ଗୋଷ୍ଠୀସଂଘର୍ଷ ଘଟୁଛି । ଚିଲିକାକୂଳିଆ ଜନବସତି ଅଞ୍ଚଳରେ ଗାଁ ଗାଁ ମଧ୍ୟରେ ବୋମା ଓ ଗୁଳି ଫୁଟିବାର ନଜିର ରହିଛି । ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରିବାରେ ସରକାର ବିଫଳ ହୋଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ଚିଲିକା ଉନ୍ନୟନ ବିଭାଗ ପକ୍ଷରୁ ଚିଲିକାକୁ ସମ୍ପୂର୍ଣ୍ଣ ଘେରି ଉଚ୍ଛେଦ ପାଇଁ ପ୍ରୟାସ ଆରମ୍ଭ କରାଯାଇଥିଲା । ୧୫୨ ବର୍ଗ କିଲୋମିଟର ଚିଲିକାକୁ ଘେରିମୁକ୍ତ କରାଯିବା ସହିତ ୧୮୦୦ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହୋଇଥିଲା । ପୁନର୍ବାର ୨୦୨୦ରୁ ଚିଲିକାରୁ ଘେରିଭଙ୍ଗା କାର୍ଯ୍ୟ ଚାଲିଛି । ଏବେବି ଘେରିବନ୍ଧ ଘେରରେ ରହିଛି ଚିଲିକା ।



ଗୋଟିଏ ପଟେ ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ଅନ୍ୟପଟେ ଘେରି ନିର୍ମାଣକାର୍ଯ୍ୟ ଚାଲିଛି । ପ୍ରଶାସନ ଘେରି ଭାଙ୍ଗିବା ପରେ ମାଫିଆ ଚିଙ୍ଗୁଡ଼ି ପୁଣି ତିଆରି କରୁଛନ୍ତି । ତହସିଲର କିଛି କର୍ମଚାରୀ ଚିଙ୍ଗୁଡ଼ିଘେରି ମାଫିଆଙ୍କ ସହ ସମ୍ପର୍କରେ ରହିଥିବାରୁ ଉଚ୍ଛେଦ ସମୟରେ ସେମାନଙ୍କ ଘେରି ସୁରକ୍ଷିତ ଅବସ୍ଥାରେ ରହୁଥିବା କିଛି ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି । ଏସିଆ ମହାଦେଶର ବୃହତ୍ତମ ତା'ର ଏହି ଚିଲିକାହ୍ରଦକୁ ପୂର୍ବ ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ସରକାରଙ୍କ ପକ୍ଷରୁ ବହୁବାର ଉଦ୍ୟମ କରାଯାଇ ଥିଲେ ମଧ ରାଜନୈତିକ ବାଧା ଓ ଚିଙ୍ଗୁଡ଼ି ମାଫିଆଙ୍କ ଧମକ ଯୋଗୁଁ ଅନେକ ସମୟରେ ସମ୍ପୂର୍ଣ ଘେରି ଉଚ୍ଛେଦ କରାଯିବା ସମ୍ଭବପର ହୋଇପାରିନାହିଁ । ଚିଙ୍ଗୁଡ଼ିଘେରି ଜାଲରେ ଛନ୍ଦିହୋଇ ଡଲଫିନ୍ ମୃତ୍ୟୁ ମୁଖରେ ପଡୁଛନ୍ତି । ସେହିପରି ଅନେକ ସମୟରେ ବୁଲିବାକୁ ଆସୁଥିବା ଚିଲିକା ପର୍ଯ୍ୟଟକଙ୍କ ଡଙ୍ଗା ବେଆଇନ ଘେରିଜାଲରେ ଛନ୍ଦି ହେବାରୁ ସେମାନଙ୍କୁ ଚିଲିକା ମଝିରେ ହଇରାଣ ହରକତ ହେବାକୁ ପଡୁଛି । ଏହାର ସ୍ଥାୟୀ ସମାଧାନ କରିବା ସହ ଚିଲିକାରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ କରିବା ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି । ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ କହିଛନ୍ତି, ଚିଲିକାରେ ବେଆଇନ ଭାବେ କରାଯାଉଥିବା ଘେରିକୁ ପ୍ରତ୍ୟେକ ବର୍ଷ ଉଚ୍ଛେଦ କରାଯାଉଛି । ଏହାପରେ ପୁଣି କିଛିଲୋକ ଘେରି ତିଆରି କରି ଦେଉଛନ୍ତି । ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ତହସିଲ ପକ୍ଷରୁ ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଛି । ସେହିପରି ଡ୍ରୋନ କ୍ୟାମେରା ମାଧ୍ୟମରେ ଘେରି ଚିହ୍ନଟ କରାଯାଉଥିବା ସେ କହିଛନ୍ତି ।

# ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ି ଗୁରୁଙ୍କ ଟିମ୍‌କୁ ଯିବେ ଋଷଭ ପନ୍ତ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ର ମେଗା ନିଲାମ ଆରମ୍ଭ ହେବା ପୂର୍ବରୁ ଏକ ବଡ ଖବର ବାହାରକୁ ଆସୁଛି । କୁହାଯାଉଛି ଯେ, ଟିମ୍ ଇଣ୍ଡିଆର ଯୁବ ୱିକେଟ କିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିପାରନ୍ତି । ଏବେ ପ୍ରଶ୍ନ ଉଠୁଛି ଯଦି ସେ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିବେ, ତେବେ ସେ ଆଗାମୀ ସିଜିନରେ କେଉଁ ଦଳ ପାଇଁ ଖେଳିବେ? ଏହା ଉତ୍ତର ବି ସାମ୍ନାକୁ ଆସି ସାରିଛି ସୂଚନା ମିଳିଛି ଯେ, ସେ ଆସନ୍ତା ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସକେ) ପାଇଁ ଖେଳିବେ । ଚର୍ଚ୍ଚା ହେଉଛି ଯେ ଆଇପିଏଲ ୨୦୨୫ ପରେ ଧୋନି ଆଇପିଏଲରୁ ଅବସର ନେବେ । ଏଭଳି ପରିସ୍ଥିତିରେ, ସିଏସ୍‌କେ ଧୋନିଙ୍କ ପରି ଜଣେ ବିସ୍ଫୋରକ ୱିକେଟ କିପର ବ୍ୟାଟ୍ସମ୍ୟାନ ଆବଶ୍ୟକ କରୁଛି, ଯିଏ ମ୍ୟାଚ୍‌ର ଗତି ବଦଳାଇ ପାରିବ । ତେଣୁ ଦଳ ଋଷଭ ପନ୍ତଙ୍କୁ ସାମିଲ କରିବାକୁ ଚିନ୍ତା କରୁଥିବା ସାମ୍ନାକୁ ଆସିଛି ।

# ବଡ଼ ଧରଣର ପରିବର୍ତ୍ତନ ହେବ : ସମଗ୍ର ଦେଶରେ ସମାନ ରହିବ ସୁନା ଦର

**ନୂଆଦିଲ୍ଲୀ**

ସମଗ୍ର ଦେଶରେ ସୁନା ମୂଲ୍ୟ ସମାନ ରହିବ । ଖୁବ୍ ଶୀଘ୍ର ଏ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । କାରଣ ଖୁବ୍ ଶୀଘ୍ର ସାରା ଦେଶରେ ଏକକ ସୁନା ମୂଲ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିପାଇଁ ଜେମ୍ସ ଆଣ୍ଡ ଜୁଏଲେରୀ କାଉନ୍‌ସିଲ୍ ଏକ ୱାନ ନେସନ ୱାନ ରେଟ୍ ନୀତି ଲାଗୁ କରିବାକୁ କରିବାକୁ ପ୍ରସ୍ତୁତି ଚଳାଇଛି ।

ପ୍ରତ୍ୟେକ ରାଜ୍ୟର ବିଭିନ୍ନ ପ୍ରକାରର ଟିକସ ବ୍ୟତୀତ ଭାରତର ବିଭିନ୍ନ ସହରରେ ସୁନା ଓ ରୂପା ହାରରେ ଅନ୍ୟାନ୍ୟ ଜିନିଷଗୁଡିକୁ ଯୋଡ଼ାଯାଇଥାଏ । ଏହି କାରଣରୁ ଦେଶରେ ବିଭିନ୍ନ ରାଜ୍ୟରେ ସୁନା ଓ ରୂପା ମୂଲ୍ୟ ଭିନ୍ନ ରହିଥାଏ । ତେବେ ଏ ବାବଦରେ ଦେଶରେ ଏକ ବଡ ପରିବର୍ତ୍ତନ ଘଟିବାକୁ ଯାଉଛି । ଖୁବ୍ ଶୀଘ୍ର ଦେଶରେ 'ୱାନ୍ ନେସନ୍ ୱାନ୍ ରେଟ୍' ନୀତି କାର୍ଯ୍ୟକାରୀ ହେବାକୁ ଯାଉଛି, ଯାହା କାର୍ଯ୍ୟକାରୀ ହେବା ପରେ ସାରା ଦେଶରେ ସୁନା ମୂଲ୍ୟ ସମାନ ରହିବ । 'ୱାନ୍ ନେସନ୍ ୱାନ୍ ମୂଲ୍ୟ' ନୀତିକୁ ନେଇ ଭାରତର ଅଧିକାଂଶ ଅଗ୍ରଣୀ ଜୁଏଲର୍ସଙ୍କ ମଧ୍ୟରେ ଏକ ସହମତି ପ୍ରକାଶ ପାଇଛି । ଜେମ୍ସ ଆଣ୍ଡ ଜୁଏଲେରୀ କାଉନ୍‌ସିଲ୍ ଦ୍ୱାରା ସମର୍ଥିତ ଏହି ପଦକ୍ଷେପ, ସାରା ଦେଶରେ ସୁନା ମୂଲ୍ୟକୁ ମାନକ କରିବା ପାଇଁ କାର୍ଯ୍ୟକାରୀ ହେବ 'ୱାନ ନେସନ ୱାନ ରେଟ୍ ନୀତି ଲକ୍ଷ୍ୟ ରଖୁଛି । କାଉନ୍ ?ସିଲ୍ ସମଗ୍ର ଦେଶରେ ଏକକ ସୁନା ହାର ଲାଗୁ କରିବା ନେଇ ଦେଶର ଅଗ୍ରଣୀ ଜୁଏଲର୍ସଙ୍କଠାରୁ ସର୍ବସମ୍ମତିକ୍ରମେ ମତ ନିଆଯାଇଛି । ତେବେ ସେପ୍ଟେମ୍ବରର ବୈଠକରେ ଏ ବାବଦରେ ଏକ ସରକାରୀ ଘୋଷଣା ହେବାର ସମ୍ଭାବନା ରହିଛି । ଗ୍ରାହକଙ୍କ ପାଇଁ ୱାନ ନେସନ ୱାନ ରେଟ୍' ନୀତି ଅତ୍ୟନ୍ତ ଲାଭଦାୟକ ବୋଲିବିବେଚନା କରାଯାଇ ପାରେ । ଏକକ ସୁନା ମୂଲ୍ୟ ନିଶ୍ଚିତ କରିବ ଯେ ସମସ୍ତ ଗ୍ରାହକଙ୍କୁ ସମାନ ପ୍ରକାରର ବ୍ୟବହାର । ଯଦି ସମଗ୍ର ଦେଶରେ ଗୋଟିଏ ସୁନା ମୂଲ୍ୟ ରହିଛି, ତେବେ ଏହା ବଜାର ସ୍ଥିତିକୁ ଆହୁରି ଉନ୍ନତ କରିବ । ଏହା ସହିତ ସମଗ୍ର ଦେଶରେ ସୁନା ମୂଲ୍ୟର ଏକୀକରଣ ହେତୁ ସୁନା ଦର ମଧ ହ୍ରାସ ପାଇପାରେ । ଏହା ମଧ ଅଳଙ୍କାର ପ୍ରସ୍ତୁତକାରୀଙ୍କ ମଧ୍ୟରେ ଏକ ଉପଯୁକ୍ତ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବ । ଏହା ବ୍ୟତୀତ ସୁନା ବିକ୍ରି ପାଇଁ ବେଳେବେଳେ ଅଯଥା ମୂଲ୍ୟ ଆଦାୟ କରୁଥିବା ଅଳଙ୍କାରଗୁଡ଼ିକୁ ମଧ କରାଯିବ । ଏହି ପଦକ୍ଷେପ ଦେଶରେ ଏକ ସ୍ୱଚ୍ଛ ଏବଂ ସମାନ ସୁନା ବଜାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ଆରବିଆଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କଲା

# ଖିଲାପକାରୀ ଘୋଷଣା ପୂର୍ବରୁ ଋଣ ଗ୍ରହୀତାଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳୁ

**ନୂଆଦିଲ୍ଲୀ**

ଖିଲାପକାରୀ ଘୋଷଣା ପୂର୍ବରୁ ଋଣଗ୍ରହୀତାଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳିବ । କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିଛି । ଏହି ଅନୁଯାୟୀ, ଡିଫଲ୍ଟର ବା ଋଣ ଖିଲାପକାରୀ ଶ୍ରେଣୀଭୁକ୍ତ କରିବା ପୂର୍ବରୁ ବ୍ୟାଙ୍କଗୁଡିକୁ ଏଣିକି ଜଣେ ଋଣଗ୍ରହୀତାକୁ ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦେବାକୁ ପଡ଼ିବ । ସର୍ବୋଚ୍ଚ ଅଦାଲତ ଦେଇଥିବା ଆଦେଶ ଅନୁଯାୟୀ, ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଋଣକାରୀମାନଙ୍କୁ ଅଡ଼ିଟ୍ ରିପୋର୍ଟର ଫଳାଫଳକୁ ବୁଝାଇବାକୁ ସୁଯୋଗ ଦିଆଯାଉ । ଏହି ଆଦେଶ ପରେ ବ୍ୟାଙ୍କଗୁଡିକ ଋଣ ନେଇଥିବା ବ୍ୟକ୍ତିଙ୍କୁ ଏହିପରି ମାମଲାରେ ପକ୍ଷ ରଖିବାକୁ ତିନି ସପ୍ତାହ ସମୟ ଦେବାକୁ ପଡ଼ିବ । ଏଥିସହ ଉତ୍ତର ଶୁଣିବା ବିନା ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଗ୍ରହୀତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିପାରିବେନାହିଁ ।

ବ୍ୟାଙ୍କ କ୍ଷେତ୍ରର ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବ୍ୟାଙ୍କିଙ୍ଗ୍ ଅନୁଯାୟୀ ୯୦ ଦିନର ଅବଧି ସମୟ ପରେ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକ ଋଣ ଗ୍ରହୀତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଥାନ୍ତି । ଅନେକ ଥର ଦେଖାଯାଇଛି ଯେ ବ୍ୟାଙ୍କ ତରଫରୁ ତତ୍ପରତା ଅତ୍ୟଧିକ ମାତ୍ରାରେ ଦେଖାଯାଇଥାଏ । ଏହି କାରଣରୁ ଦେଶର ସର୍ବୋଚ୍ଚ ଅଦାଲତ ଗତ ବର୍ଷ ଆରବିଆଇକୁ ଋଣ ଅସୁଲ ନିୟମ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଭଏସ୍ ଅଫ୍ ବ୍ୟାଙ୍କିଙ୍ଗ୍ ସଂଗଠନର ଅଶ୍ୱିନୀ ରାଣାଙ୍କ ଅନୁଯାୟୀ ଯେତେବେଳେ ଜଣେ ବ୍ୟକ୍ତି ଗଣ ନେବାକୁ ଯାଆନ୍ତି । ତା'ପରେ ବ୍ୟାଙ୍କ ତାଙ୍କର ସମସ୍ତ ଦଲିଲ, ସ୍ଥିତି ଏବଂ ଅନ୍ୟାନ୍ୟ ଦିଗକୁ ବିଚାର କରେ । ଏପରି ପରିସ୍ଥିତିରେ, ଯେତେବେଳେ ସମାନ ବ୍ୟକ୍ତି କିଛି ସମୟ ପାଇଁ ଋଣ ପରିଶୋଧ କରିବାକୁ ସକ୍ଷମ ହୁଅନ୍ତି ନାହିଁ ସେତେବେଳେ ଏହାର କାରଣ ଜାଣିବା ପାଇଁ ତାଙ୍କୁ ସୁଯୋଗ ଦିଆଯାଇ ନ ଥାଏ । ଏଥିପାଇଁ ଏକ ସୁଯୋଗ ଦିଆଯିବା ବ୍ୟାଙ୍କ ଦ୍ୱାରା ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପରେ ଏବଂ ସମ୍ପୃକ୍ତ ଋଣ ଗ୍ରହୀତାଙ୍କ ଅବସ୍ଥା ଜାଣିବା ପରେ ମଧ ବ୍ୟାଙ୍କ ଅଧିକାରୀମାନେ କୌଣସି ସହାୟତା ଦେଇପାରି ନ ଥାନ୍ତି । ବ୍ୟାଙ୍କିଙ୍ଗ ପ୍ରସଙ୍ଗରେ ବିଶେଷଜ୍ଞ ଆଇନଜୀବୀ ଶ୍ରୀକାନ୍ତ ଶୁକ୍ଲାଙ୍କ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପ୍ରାକୃତିକ ନ୍ୟାୟ ଉପରେ ଆଧାରିତ । ତେବେ ଏପରି ପରିସ୍ଥିତିରେ ଗଣଗ୍ରହୀତା କେବଳ କୋର୍ଟକୁ ଯାଇ ନିଜର ମାମଲା କିମ୍ବା ପ୍ରତିରକ୍ଷା ଉପସ୍ଥାପନ କରିପାରନ୍ତି । ଯେଉଁଠାରେ ଉଦ୍ଦେଶ୍ୟ ହେଉଛି ଦିଆଯାଇଥିବା ଋଣ ଫେରସ୍ତ ନେବା । ଶ୍ରୀ ଶୁକ୍ଲା କହିଛନ୍ତି ଯେ ଦେଶରେ ଏଭଳି ଲକ୍ଷ ଲକ୍ଷ ମାମଲା ରହିଛି ଯେଉଁଥରେ ଋଣ ନେଇଥିବା ବ୍ୟକ୍ତି ଆରବିଆଇକୁ କହିଥିଲେ ନେଇଥିବା ପଦକ୍ଷେପ ମାତ୍ରାଧିକ । ଯେତେବେଳେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଲା, ସେତେବେଳେ ଋଣ ଗ୍ରହୀତାଙ୍କୁ ଏକ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି ।

"e" Tender Notice
PANCHAYAT SAMITI, BHUBANESWAR
E-mail- ori-Bhubaneswar@nic.in.
No-3174/ Date: 18.07.2024
i-26
DETAIL TENDER CALL NOTICE NO. 02/BPS/2024-25
1. Number of Civil works : 05 (Five)
2. Estimated Cost : As per DTCN
3. Period of completion : 01 (One) to 06(Six) Calender Months
4. Availability of Tender online for biding : 20.07.2024 at 11.00 AM to 01.08.2024 up to 5.00 P.M.
5. Last Date /Time of seeking Tender Clarification : 01.08.2024 up to 5.00 P.M.
6. Date & time of opening of Tender : 02.08.2024 at 11.00 A.M.
7. Further the details can be seen from the website (htlp://www.tenderodisha.gov.in)
Sd/- Block Development Officer
Bhubaneswar
OIPR-19005/11/0002/2425

C-224
WATCO
OFFICE OF THE GENERAL MANAGER, WATCO PROJECT DIVISION-I
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
E-mail- gmprojectwatco@gmail.com
INVITATION FOR BID (IFB)
Bid Identification No. 06 I Project-I/WATCO/ 2024-25 Dtd. 18.07.2024
WATCO No. 735 Date : 18.07.2024
1. Name of the work : 1."Supply, Installation, Testing & Commissioning of Chlorination system for provision of Drink from Taps & 24x7 Water Supply to Ward No-01,02,03,20,21 & 22 of Jemadei & its adjoining areas of Khordha Town", 2. "Provision for Installation of Pump sets with Interconnection arrangement for provision of Drink from Taps & 24x7 Water Supply to Ward No-01,02,03,20,21 & 22 of Jemadei & its adjoining areas of Khordha Town".
2. Estimated cost : 1 Rs 8.58 Lakh 2 Rs. 7.79 Lakh
3. Period of completion : 2 (Two) Months
4. Date & time of availability of bid document in the portal : From 11.00 AM of Dt.22.07.2024 to 5.00 PM of 31 07 2024
5. Last date / time of receipt of bids in the portal : 5.00 PM of 31.07.2024.
6. Date & time of opening of bids : 12 30 PM of Dt 01 08.2024
7. Name and address of the Officer Inviting Bid : General Manager, WATCO Project Division-I,Bhubaneswar. E-Mail: gmprojectwatco@gmail.com
8. The bidders have to participate in ONLINE bidding only
Further details can be seen from the web site www.tendersodisha.gov.in
OIPR-13083/11/0001/2425 Sd/- (GM, WATCO Project Division-I), Bhubaneswar

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁଲାଇ ୨୦୨୪ ଶୁକ୍ରବାର





## ସୀତା-ଶିବ ସ୍ମୃତି ନ୍ୟାସର ତୃତୀୟ ବାର୍ଷିକୋତ୍ସବ

# ସାହିତ୍ୟ ମାଟିସହ ଯୋଡି ହୋଇ ରହୁ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଥାକାର ଓ ଔପନ୍ୟାସିକ କୃପାସାଗର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ସୀତା ଶିବ ସ୍ମୃତି ନ୍ୟାସ' ପକ୍ଷରୁ ଆୟୋଜିତ ତୃତୀୟ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ବର୍ଷିକ ଉତ୍ସବକୁ ଉଦଘାଟନ କରି 'ଆମ ଓଡ଼ିଶା'ର ଅଧ୍ୟକ୍ଷ, ପ୍ରାକ୍ତନ ସାଂସଦ, ବିଧାୟକ, ବିଶିଷ୍ଟ ଶିକ୍ଷାବିତ୍ ତଥା ସାମ୍ବାଦିକ ଜଗତର ପର୍ଶୁରାମ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଲେ-'ଓଡ଼ିଶାର ଅନେକ ସାହିତ୍ୟିକ ସାଂପ୍ରତିକ ରାଜନୀତି ଠାରୁ ଦୂରେଇ ରହୁଛନ୍ତି । ଏହା ପଳାୟନପନ୍ଥୀ ସାହିତ୍ୟ । ସାହିତ୍ୟ ଯଦି ମାଟିସହ ଯୋଡିହୋଇ ମାଟିର ପ୍ରଶ୍ନ ନ ପଚାରିବ, ବ୍ୟବସ୍ଥାର ବିଲକ୍ଷଣ ଉଲ୍ଲେଖ ନ କରିବ, ସେ ସାହିତ୍ୟ ଯେତେ ଉଚ୍ଚାଙ୍ଗ ହେଲେ ବି ତାକୁ ସାହିତ୍ୟ ବୋଲି କୁହାଯାଇ ପାରିବ ନାହିଁ' । ନ୍ୟାସର ସାହିତ୍ୟ ଓ ସମାଜସେବାର ବିଭିନ୍ନ କାର୍ଯ୍ୟକ୍ରମର ଆଲୋକପାତ କରି ମୁଖ୍ୟବକ୍ତା ବିଶିଷ୍ଟ ସମାଜସେବୀ, ସାହିତ୍ୟିକା ପ୍ରାଧ୍ୟାପିକା ଡକ୍ଟର ଝାନସୀ ସିଂହ କହିଲେ- 'ସାହିତ୍ୟ ସମାଜ କୁ ପରିଷ୍କାର କରିବାର କ୍ଷମତା ରଖେ ଏବଂ ପ୍ରକୃତ ଶିକ୍ଷା ସମାଜର ସମସ୍ତ ସମସ୍ୟା ପାଇଁ ରାସ୍ତା ବାହାର କରି ପାରେ ।' ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରିୟବ୍ରତ ପାତ୍ର ପୁସ୍ତକ ଉପରେ ଆଲୋଚନା କରିଥିବା ବେଳେ ବରିଷ୍ଠ କବି ନିରାକାର ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଟ୍ରଷ୍ଟର ଟ୍ରଷ୍ଟି ଦିନବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ପାଇଁ 'ସାହିତ୍ୟ ସାଧନା ସମ୍ମାନ' ବରିଷ୍ଠ କଥାକାର ଆର୍ଯ୍ୟ ଯଜ୍ଞଦତ୍ତ ଓ 'ଶିକ୍ଷା ସାଧନା ସମ୍ମାନ' ପ୍ରଫୁଲ୍ଲ କୁମାର ସାହୁଙ୍କୁ ପ୍ରଦାନ କରାଯାଇ ଥିଲା । ଏହି ସମ୍ମାନ ପ୍ରାପକଙ୍କୁ ଏକ ଲକ୍ଷ ଟଙ୍କାର ଅର୍ଥ ରାଶି ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସ୍ୱନାମଧନ୍ୟ କଥାକାର ଓ ଔପନ୍ୟାସିକ କୃପାସାଗର ସାହୁଙ୍କ କଥା ପୁସ୍ତକ 'ଶ୍ରୀକୃଷ୍ଣ'ଙ୍କୁ ଅତିଥିମାନେ ପାଠକାର୍ପଣ କରିଥିଲେ । ଟ୍ରଷ୍ଟି ଶ୍ରୀମତୀ ଅସୀମା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

# ସମ୍ବଲପୁରରେ ରେଳ ଫ୍ଲାଏଓଭର ପ୍ରକଳ୍ପ ପାଇଁ ୨୮୮.୬୧ କୋଟି ଟଙ୍କା ଅନୁମୋଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନକୁ ରେଳ ଚଳାଚଳ କ୍ଷେତ୍ରରେ ପ୍ରତିବନ୍ଧକ ଦୂର କରିବା ଉଦେଶ୍ୟରେ ୮.୧୦ କିଲୋମିଟର ଦୂରତା ବିଶିଷ୍ଟ ଏକ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ୨୮୮.୬୧ କୋଟି ଟଙ୍କା ମଞ୍ଜୁର କରିଛି । ଏହାଦ୍ୱାରା ରେଳ ଫ୍ଲାଏ ଓଭର ସମ୍ବଲପୁରର ସମସ୍ତ ପାର୍ଶ୍ୱରୁ ଏକକାଳୀନ ଟ୍ରେନ୍ ଚଳାଚଳକୁ ସୁଗମ ଓ ସହଜ କରିବ ଏବଂ ଟିଟିଲାଗଡ, ଅନୁଗୁଳ ଏବଂ ଝାରସୁଗୁଡା ପାର୍ଶ୍ୱକୁ ଏକ ସମୟରେ ପ୍ରତିବନ୍ଧ ମୁକ୍ତ ପାଇଁ କାର୍ଯ୍ୟ ସୁନିଶ୍ଚିତ କରିବ । କ୍ରସ୍-ଟ୍ରାଫିକ୍ ବିଳମ୍ବ ଏବଂ କାର୍ଯ୍ୟକ୍ଷମ ଅପାରଗତାକୁ ଦୂର କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏହି ଅଞ୍ଚଳରେ ଟ୍ରେନର ହାରାହାରି ଗତି ଏବଂ ଦକ୍ଷତା ବୃଦ୍ଧି କରିବ । ଏହି ପ୍ରକଳ୍ପ ନିର୍ମାଣ ଭାରତୀୟ ରେଳବାଇର ଏନର୍ଜି କରିଡରର ଏକ ଅଂଶ ଯାହାକି ସ୍ଥାୟୀ ଏବଂ ଦକ୍ଷ ଭିତିଭୂମି ବିକାଶ ପାଇଁ ଏକ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି । ନୂତନ ରେଳ ଫ୍ଲାଏ ଓଭର ଅନ୍ୟ ଲାଇନଗୁଡିକ ଅତିକ୍ରମ କରିବାର ଆବଶ୍ୟକତାକୁ ଏଡାଇ ଟିଟିଲାଗଡ, ଝାରସୁଗୁଡା ଏବଂ ଅନୁଗୁଳ ପାର୍ଶ୍ୱରୁ ଏକ ସମୟରେ ଟ୍ରେନ୍ ଚଳାଚଳ ପାଇଁ ଉତ୍ସର୍ଗୀକୃତ ଭିତିଭୂମି ଯୋଗାଇବ । ଟ୍ରେନ୍ ଟ୍ରାଫିକ୍ ଆଉ ସମ୍ବଲପୁର / ସମ୍ବଲପୁର ସିଟି ଷ୍ଟେସନ୍ ଏବଂ ନିକଟସ୍ଥ ଷ୍ଟେସନରେ ଅଟକ ରଖାଯିବ ନାହିଁ, ଏହି ବ୍ୟସ୍ତବହୁଳ ଜଙ୍କସନକୁ ଆସୁଥିବା ଟ୍ରେନଗୁଡିକର ଅପେକ୍ଷା ସମୟକୁ ହ୍ରାସ କରିଥାଏ । ପ୍ରତିବନ୍ଧକ ବିନା ଟ୍ରେନ ଚଳାଚଳ : ଏହି ପ୍ରକଳ୍ପ ଟିଟିଲାଗଡ, ଝାରସୁଗୁଡା, ଏବଂ ଅନୁଗୁଳ ପାର୍ଶ୍ୱକୁ ଯାତ୍ରୀବାହୀ ଟ୍ରେନର ସୁଗମ ଚଳାଚଳ କ୍ଷେତ୍ରରେ ସହଜ କରିବ । ସମ୍ପ୍ରତି, ଝାରସୁଗୁଡା, ଟିଟିଲାଗଡ ଏବଂ ଅନୁଗୁଳ ପାର୍ଶ୍ୱରୁ ସମ୍ବଲପୁର ଷ୍ଟେସନକୁ ଆସୁଥିବା ଟ୍ରେନ ଗୁଡିକ କ୍ରସ୍ ଟ୍ରାଫିକ୍ ସମସ୍ୟା ଯୋଗୁଁ ସମ୍ବଲପୁର ଜଙ୍କସନ ଏବଂ ସମ୍ବଲପୁର ସିଟି ଷ୍ଟେସନରେ ନିୟନ୍ତ୍ରଣ କରାଯାଇଥାଏ ଯାହାଦ୍ୱାରା ଟ୍ରେନ ଚଳାଚଳ କ୍ଷେତ୍ରରେ ବିଳମ୍ବ ଏବଂ କାର୍ଯ୍ୟକ୍ଷମ ଅପାରଗତାକୁ ଦର୍ଶାଇଥାଏ । କ୍ରସ୍ ଟ୍ରାଫିକ୍ ସମସ୍ୟାକୁ ଏହି ରେଳ ଫ୍ଲାଏ ଓଭର ନିର୍ମାଣ ବର୍ତମାନର ଟ୍ରେନ ଚଳାଚଳ ସମସ୍ୟାର ସମାଧାନ କରିବ ଯାହା ଭୂପୃଷ୍ଠ କ୍ରସିଂ ବିନା ଏକକାଳୀନ ସମସ୍ତ ପାର୍ଶ୍ୱକୁ ଟ୍ରେନ୍ ଚଳାଚଳକୁ ସକ୍ଷମ କରିବ, ଯାହାଦ୍ୱାରା ବର୍ତମାନର ପ୍ରତିବନ୍ଧକକୁ ଏଡାଇ ଦିଆଯାଇ ପାରିବ ଏବଂ ଏହି ଅଞ୍ଚଳରେ ଟ୍ରେନ୍ କାର୍ଯ୍ୟକ୍ଷମତା ବୃଦ୍ଧି କରାଯାଇ ପାରିବ । ଭାରତୀୟ ରେଳ ସମଗ୍ର ଦେଶରେ ଏହାର ଭିତିଭୂମିରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ । ସମ୍ବଲପୁରର ଏହି ନୂତନ ପ୍ରସ୍ତାବିତ ରେଳ ଫ୍ଲାଏ ଓଭର ଟ୍ରେନ ଯାତାୟାତ ସମୟକୁ ହ୍ରାସ କରିବ ଏବଂ ଟ୍ରେନ୍ ଚଳାଚଳର ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ପରିଶେଷରେ ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଏହି ଅଞ୍ଚଳରେ ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି କରିବା କ୍ଷେତ୍ରରେ ଏହି ରେଳ ଫ୍ଲାଏ ଓଭର ସହାୟକ ହେବ ।

## ଏଏସ୍ଓଙ୍କୁ ରାଜ୍ୟପାଳ ପୁଅଙ୍କ ମାଡ଼ ଘଟଣା

# ଓଡ଼ିଶାର ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି : ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା । ନ୍ୟାୟ ନମିଳିବା ନେଇ ପ୍ରତିବାଦ କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ବିଜେଡିର ଏହି ଦୁଇ ଛାମୁଆ ସଂଗଠନ ପକ୍ଷରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି ବିଜୁ ଜନତା ଦଳର ବିଧାୟକ ଓ ବରିଷ୍ଠ ନେତା । ଆଇନ ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ କରିବାକୁ ଦଳ ଦାବି କରିଛି । ବୈକୁଣ୍ଠଙ୍କୁ ସୁରକ୍ଷା ସହ ରାଜ୍ୟପାଳଙ୍କ ପୁଅକୁ ଗିରଫ କରିବାକୁ ବିଜେଡି ଦାବି କରିଛି । ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, 'ବିଜୁ ଜନତା ଦଳର ସରକାର ସମୟରେ ଯିଏ ଭୁଲ କରୁଥିଲେ ତାଙ୍କୁ ଦଣ୍ଡ ମିଳୁଥିଲା । ଦୋଷୀ ସାବ୍ୟସ୍ତ ହେଲେ ବିଜେଡି ସଭାପତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉଥିଲେ । ସେତେବେଳେ ୩ ଜଣ ବିଧାୟକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଆଜି ଓଡ଼ିଆ ଅସ୍ମିତାର କଥା କହି କ୍ଷମତାକୁ ଆସିଥିବା ମୋହନ ସରକାର ଜଣେ ଓଡ଼ିଆ ପୁଅକୁ ନ୍ୟାୟ ଦେଉନାହାନ୍ତି । 'ବିଜେଡି ବିଧାୟକ ବ୍ୟୋମକେଶ କହିଛନ୍ତି, 'ରାଜଭବନରେ କାର୍ଯ୍ୟରତ ଥିବା ସମୟରେ ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିଲେ । ଖାଲି ସେତିକି ନୁହେଁ, ଜୋତାରେ ଛେପ ପକାଇ ଚାଟିବାକୁ କହିଲେ । ତାଙ୍କୁ ଆଉ କିଛି ଝାଡଖଣ୍ଡୀ ବନ୍ଧୁ ସହଯୋଗ କଲେ । ଘଟଣାଟି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡ଼ିଶାର ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି । ଏହି ଘଟଣାରେ ମୋହନ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ଅଭିଯୋଗର ୧୦ ଦିନ ପରେ ମଧ୍ୟ ଚୁପ ହୋଇ ବସିଛନ୍ତି । ଆଇନ ସାଧାରଣ ଲୋକ ଓ ରାଜ୍ୟପାଳଙ୍କ ପୁଅ ଲାଗି ଅଲଗା କି ? ରାଜ୍ୟପାଳଙ୍କ ପୁଅକୁ ଗିରଫ ନକରିବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ । ଘଟଣାରେ ଆଗାମୀ ଦିନରେ ରାଜରାସ୍ତାରେ ଲଢେଇ ହେବ ବୋଲି ବିଜେଡି ପକ୍ଷରୁ ଗୁରୁବାର ଘୋଷଣା କରାଯାଉଛି ।' ସେହିପରି ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, 'ବର୍ବର କାଣ୍ଡ କରିଛନ୍ତି ରାଜ୍ୟପାଳଙ୍କ ପୁଅ । କିନ୍ତୁ ଦୁଃଖର କଥା ହେଉଛି, ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ରାଜା ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ ଭାବି ଚୁପ ବସିଛନ୍ତି ସରକାର । କିନ୍ତୁ ନବୀନ ସରକାରରେ ଦୁର୍ନୀତି ଓ ହିଂସାକାଣ୍ଡ ଭିଆଇଥିବା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସରକାର ପରିବର୍ତ୍ତନ ହେବା ପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଓଡ଼ିଆ ହାହାକାରରେ ଅଛନ୍ତି । ଓଡ଼ିଆ ପୁଅର ସ୍ୱାଭିମାନ ଓ ଅସ୍ମିତା ଉପରେ ଝାଡଖଣ୍ଡୀ ମାଡ଼ ପଡିଛି । ଓଡ଼ିଆ ପୁଅ ଉପରେ ହୋଇଥିବା ଅତ୍ୟାଚାର ଉପରେ ବିଜେପି ସରକାର ଚୁପ ରହିଛନ୍ତି । ବୈକୁଣ୍ଠଙ୍କ ସୁରକ୍ଷା ଦେବା ବଦଳରେ ଆକ୍ରମଣକାରୀଙ୍କୁ ସରକାର ସୁରକ୍ଷା ଦେଉଛନ୍ତି । ସେହିପରି ବୈକୁଣ୍ଠଙ୍କର ବିଭାଗ ବଦଳି କରାଯାଇଛି । ଏହା ପ୍ରତ୍ୟେକ ଓଡ଼ିଆଙ୍କୁ କୁଠାରଘାତ । ସମଗ୍ର ରାଜ୍ୟରେ ଏହି ଆନ୍ଦୋଳନ ବ୍ୟାପକ କରାଯିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆହାର ଥାଳିରେ ...

ବୋଲି ମନ୍ତ୍ରୀ କହିଛନ୍ତି । ଆହାର କେନ୍ଦ୍ରରେ ଦିଆଯାଉଥିବା ଖାଦ୍ୟରେ ପରିବା କମିଛି । ନିଜେ ଖାଦ୍ୟ ଖାଇବା ପରେ ଏହାକୁ ସ୍ୱୀକାର କରିଛନ୍ତି ମନ୍ତ୍ରୀ । ତେବେ ଆହର କେନ୍ଦ୍ରର ନାମ ପରିବର୍ତ୍ତନ ନେଇ କହିଛନ୍ତି, ଆବଶ୍ୟକ ହେଲେ ପରିବର୍ତ୍ତନ କରାଯିବ ।

## ଭିତର ରତ୍ନଭଣ୍ଡାରରେ ...

ଏଏସ୍ଆଇ ଦାୟିତ୍ୱ ନେବା ପରେ ଆଦୌ ମରାମତି ହୋଇ ନାହିଁ । ମରାମତି କାର୍ଯ୍ୟ ଶେଷ ହେଲା ପରେ ଅଳଙ୍କାର ଗଣତି, ମଣତି ହେବ । ତଦାରଖ କମିଟି ଓ ପରିଚାଳନା କମିଟି ଉପସ୍ଥିତିରେ ଗଣତି, ମଣତି ହେବ । ମରାମତି ସଂପୂର୍ଣ୍ଣ ନସରିବା ଯାଏ ଗଣତି, ମଣତି କରାଯିବ ନାହିଁ । ଅଳଙ୍କାର ଗୁଡ଼ିକ ରତ୍ନଭଣ୍ଡାର ଭିତରକୁ ନିଆଯିବ । ଏଥିପାଇଁ ସମୟ ଲାଗିବ । ସମୟ ଲାଗିଲେ ମଧ୍ୟ ସୂଚାରୁ ରୂପେ କାର୍ଯ୍ୟ କରାଯିବ । ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଥିବା ନେଇ ଆଲୋଚନା ପ୍ରସଙ୍ଗରେ ଗଜପତି କହିଛନ୍ତି, ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ, ସେଠାରେ ଗୁପ୍ତ ବାଟ ଅଛି କି ନାହିଁ, ସେସବୁ ଭିତର ରତ୍ନଭଣ୍ଡାର ଖାଲି ହେବା ପରେ ଲେଜର ସ୍କାନିଂ କରିବେ । ଏହାପରେ ସେମାନେ ଆମକୁ ସୂଚନା ଦେବେ ସବୁ ଜିନିଷ ସେତେବେଳକୁ ଜଣାପଡ଼ିଯିବ । ସେହିପରି ମରାମତି ବେଳେ ନୀତିକାନ୍ତି ଓ ଦର୍ଶନ ଉଭୟ ପ୍ରଭାବିତ ନହେବାକୁ ଗୁରୁତ୍ୱ ଦିଆଯିବ । ଏ ସଂପର୍କରେ ଅନୁଧ୍ୟାନ କରି ମୁଖ୍ୟ ପ୍ରଶାସକ ମରାମତି ସମୟ ନିର୍ଦ୍ଧାରଣ କରିବେ । ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଧାରିତ ସମୟରେ ଏଏସ୍ଆଇ ମରାମତି କରିବ ବୋଲି ଗଜପତି କହିଛନ୍ତି । ଗତ ରବିବାର ବାହାର ରତ୍ନଭଣ୍ଡାର ସହଜରେ ଖୋଲି ଯାଇଥିଲା । ହେଲେ ଭିତର ରତ୍ନଭଣ୍ଡାର ତାଲା ଖୋଲିବାକୁ କମିଟି ସଦସ୍ୟଙ୍କୁ ନାକେଦମ ହେବାକୁ ପଡ଼ିଥିଲା । କାରଣ ପୁରୀ ଟ୍ରେଜେରୀରୁ ଆସିଥିବା ଚାବିରେ ଭିତର ଭଣ୍ଡାରର କୌଣସି ଗୋଟିଏ ବି ତାଲା ଖୋଲି ନ ଥିଲା । ତେଣୁ ଏସଓପି ଅନୁସାରେ ସମସ୍ତ ତାଲା ଭାଙ୍ଗି ଭିତର ଭଣ୍ଡାର ଖୋଲା ଯାଇଥିବା କହିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ଗତ ଥର ପରି ଏଥର ବି ସ୍ନେକ ହେଲପ ଲାଇନ ସଦସ୍ୟଙ୍କ ସହ ଓଡ୍ରାଫ ଟିମ୍, ଡାକ୍ତରୀ ଟିମ ସଜାଗ ହୋଇ ରହିଥିଲେ । ସେ କହିଥିଲେ ବାହାର ରତ୍ନଭଣ୍ଡାରର ଆଲମାରି ଓ ସିନ୍ଦୁକକୁ ବାହାରକୁ ନିଆଯାଇ ସଫାସୁତରା କରାଯାଇଛି । ଭିତରେ ରତ୍ନ ଭଣ୍ଡାରରେ ଥିବା ଆଲମାରି ଓ ସିନ୍ଦୁକ ସେପରି ରହିଛି । ବାହାର ରତ୍ନଭଣ୍ଡାରର ସାମଗ୍ରୀ ଚାଙ୍ଗଡ଼ା ଘର ଓ ଫୁଲ ଘରେ ରଖାଯାଇଛି । କଡା ସୁରକ୍ଷା ବଳୟ ଭିତରେ ଅଳଙ୍କାର ଗୁଡ଼ିକ ରଖାଯାଇଛି । ସେଠାରେ ସିସିଟିଭି ଲଗାଯାଇଛି । ସେହିପରି ଭିତର ରତ୍ନଭଣ୍ଡାରରେ ଥିବା ଗହଣା, ମୂଲ୍ୟବାନ ସାମଗ୍ରୀ ଅଳଙ୍କାର ଗୁଡ଼ିକ ଖଟଶେଯ ଘରେ ରଖାଯାଇଛି । ମୂଲ୍ୟବାନ ସାମଗ୍ରୀ ରଖାଯିବା ପରେ କବାଟ ସିଲ କରାଯାଇଛି । କଡ଼ା ସୁରକ୍ଷା ମଧ୍ୟରେ ଏହି ଅଳଙ୍କାର ରଖାଯାଇଛି ।

## ରଥାରୂଢ ...

ଭିତରେ ସକାଳ ଧୂପ, ଅପରାହ୍ଣ ଗୋଟାଏରେ ମଇଲମ, ସାଢ଼େ ଗୋଟାଏରେ ମହାସ୍ନାନ ଓ ସର୍ବାଙ୍ଗ, ୨ଟାରେ ବେଶ ଶେଷ ହୋଇଥିଲା । ଅପରାହ୍ଣ ସାଢ଼େ ୩ଟାରୁ ସାଢେ ୪ଟା ଭିତରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ନୀତି ଆରମ୍ଭ ହୋଇଥିଲା ।

## ଶନିବାର ...

ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଛି, ଏଥିରେ କୌଣସି ସନ୍ଦେହ ନାହିଁ । ଏହାପୂର୍ବରୁ କୋର୍ଟ ସରକାର, ଏନଟିଏ ଏବଂ ପ୍ରାର୍ଥୀଙ୍କୁ କଠୋର ପ୍ରଶ୍ନ ପଚାରିଥିଲେ । କୋର୍ଟ ଜାଣିବାକୁ ଚାହିଁଥିଲେ ଏତେ ବଡ ବିଶୃଙ୍ଖଳା ହୋଇଛି କି ପରୀକ୍ଷା ବାତିଲ ହୋଇପାରିବ କି ? ଆସନ୍ତା ୨୨ରେ ସୁପ୍ରିମକୋର୍ଟ ନିଟ୍କୁ ନେଇ ପରବର୍ତ୍ତୀ ଏବଂ ଅନ୍ତିମ ଶୁଣାଣି କରିବେ । ସିଜେଆଇ କହିଛନ୍ତି ଯେ ଶୁଣାଣି ଦିନ ୧୦:୩୦ରୁ ଆରମ୍ଭ ହେବ, ଯାହା ଦ୍ୱାରା ଅପରାହ୍ନ ସୁଦ୍ଧା ମାମଲା ସମାଧାନ ହୋଇପାରିବ ।ଆସନ୍ତା ୨୪ରୁ କାଉନସେଲିଂ ଆରମ୍ଭ ହେବ ବୋଲି ସଲିସିଟର ଜେନେରାଲ କହିଛନ୍ତି । ନିଟ୍ ପରୀକ୍ଷାର୍ଥୀଙ୍କ ଓକିଲ ନରେନ୍ଦ୍ର ହୁଡା କହିଛନ୍ତି ଯେ ଆମେ ସେହି ସବୁ ପ୍ରସଙ୍ଗକୁ ସୁପ୍ରିମକୋର୍ଟରେ ଉଠାଇଛୁ, ଯାହା ଦର୍ଶାଉଛି ଯେ ପ୍ରଶ୍ନପତ୍ର ଲିକ ହୋଇଛି । କେବଳ ହଜାରୀବାଗ ଏବଂ ପାଟନାରେ ନୁହେଁ, ଅନ୍ୟ ସ୍ଥାନରେ ମଧ୍ୟ ଏହି ପ୍ରଶ୍ନପତ୍ର ଲିକ ହୋଇଛି । ସୋମବାର ଶୁଣାଣିର ପରବର୍ତ୍ତୀ ତାରିଖ କୋର୍ଟ ସ୍ଥିର କରିଛନ୍ତି । ବିହାର ପୁଲିସର ପ୍ରାଥମିକ ତଦନ୍ତ ରିପୋର୍ଟକୁ ରେକର୍ଡରେ ଆଣିବାକୁ ବିହାର ପୁଲିସ ଏବଂ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ପ୍ରାର୍ଥୀଙ୍କ ଫଳାଫଳକୁ ନିଜ ୱେବସାଇଟରେ ଘୋଷଣା କରିବାକୁ ଏନଟିଏକୁ ନିର୍ଦ୍ଦେଶ ଦିଆଯାଇଛି ।

## ସୁରକ୍ଷା କର୍ମୀଙ୍କ ...

ସାହୁ ଏବଂ ସତେର ସିଂହ କାଙ୍ଗେ । ଆହତ ଯବାନମାନେ ହେଲେ ପୁରୁଷୋତ୍ତମ ନାଗ, କୋମଳ ଯାଦବ, ସିୟାରମ ସୋରି ଓ ସଞ୍ଜୟ କୁମାର । ଘଟଣାସ୍ଥଳରେ ସୁରକ୍ଷା କର୍ମୀ ସର୍ଚ୍ଚ ଅପେରସନ ଜୋରଦାର କରିଛନ୍ତି ।

## ବଙ୍ଗୋପସାଗରରେ ...

ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବୌଦ୍ଧ ଏବଂ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ନୂଆପଡ଼ା, ବଲାଙ୍ଗୀର, ସୋନପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଶନିବାର ସୋନପୁର, ବୌଦ୍ଧ ଏବଂ ନୟାଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ସୀମାରେ ଅନୁପ୍ରବେଶ...

ମାତ ଦିଆଯାଇଛି । କୁପୱାଡାର କେରନ ସେକ୍ଟର ସ୍ଥିତ ଏଲଓସିରେ ହୋଇଥିବା ଅନୁପ୍ରବେଶରେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏବେ ଅନୁପ୍ରବେଶ ଉଦ୍ୟମ ନିରୋଧ ଅପରେସନ ଜାରି ରହିଛି । ପ୍ରଥମେ ଏଲଓସିରେ ସନ୍ଦିଗ୍ଧ ଗତିବିଧି ନଜରକୁ ଆସିଥିଲା । ଏହାପରେ ଆର୍ମିର ୬ ରାଷ୍ଟ୍ରୀୟ ରାଇଫଲ ଓ କୁପୱାଡା ପୁଲିସ ଅପରେସନ ଆରମ୍ଭ କରିଥିଲେ । ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଲୁଚି ରହିଥିବା ୨ ଆତଙ୍କବାଦୀ ଗୁଳି ମାଡ଼ କରିଥିଲେ । ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଥିଲା । ବେଶ କିଛି ସମୟ ଧରି ଚାଲିଥିବା ଗୁଳି ବିନିମୟରେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । କେରନ ସେକ୍ଟରରେ ଅନୁପ୍ରବେଶ ହେବ ବୋଲି ପୂର୍ବରୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହି ସୂଚନା ଆଧାରରେ ଚାଲିଥିବା ଅପରେସନକୁ ସଫଳତା ମିଳିଛି । ଏହାପୂର୍ବରୁ ଜମ୍ମୁର ରଜୌରୀ ସ୍ଥିତ ସୁନ୍ଦରବଣି ଅଞ୍ଚଳରେ ମଧ୍ୟ ସନ୍ଦିଗ୍ଧ ଗିତିବିଧି ଦେଖି ସେନା ପକ୍ଷରୁ ଗୁଳିମାଡ଼ ହୋଇଥିଲା ।

## ଓଡ଼ିଶାର ବିକାଶ...

ଜେଡିୟୁ । ଉଭୟ ନିଜ ନିଜର ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି କରିଆସୁଛନ୍ତି । ତେବେ ପଞ୍ଚଦଶ ଅର୍ଥ କମିଶନ ରାଜ୍ୟମାନଙ୍କୁ ୪୨ ପ୍ରତିଶତ ପୁଞ୍ଜି ଦେଉଥିବାରୁ ଏହି ସ୍ୱତନ୍ତ୍ର ପାହ୍ୟାର ଆବଶ୍ୟକତା ନାହିଁ । ଅର୍ଥମନ୍ତ୍ରୀ ସୀତାରମଣ ମଧ୍ୟ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମିଳିବନି ବୋଲି ପୂର୍ବରୁ ଜଣାଇଛନ୍ତି । ମାତ୍ର ଟିଡିପି ଓ ଜେଡିୟୁର ଦାବିକୁ ନଜରରେ ରଖି କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଏକ ନୂଆ ଫର୍ମୁଲା ଆଣିବାକୁ ଯାଉଛନ୍ତି । ଏଥିରେ କିଛି ରାଜ୍ୟଗୁଡିକର ଆର୍ଥିକ ବିକାଶ ଲାଗି ଏକ ଯୋଜନା ପ୍ରସ୍ତୁତ କରାଯାଉଛି । ଆସନ୍ତା ୨୩ରେ ଅର୍ଥମନ୍ତ୍ରୀ ଉପସ୍ଥାପନ କରିବାକୁ ଯାଉଥିବା ବଜେଟରେ ଏହାର ପ୍ରତିଛବି ଦେଖିବାକୁ ମିଳିବ । ତେବେ ନୂଆ ଫର୍ମୁଲାରେ କେତେ ଫାଇଦା ମିଳିବ ସେନେଇ ଏବେ ଚର୍ଚ୍ଚା ଚାଲିଛି । ଅର୍ଥନୈତିକ ସମୀକ୍ଷକ କହିଛନ୍ତି, ନୀତି ଆୟୋଗର ନୂଆ ନିୟମ ଅନୁସାରେ ବର୍ତ୍ତମାନ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମିଳିବା ସମ୍ଭବ ନୁହେଁ । କିନ୍ତୁ କେନ୍ଦ୍ରରେ ଥିବା ଏନଡିଏ ସରକାର ହେଉ କି ବିହାର, ଆନ୍ଧ୍ରପ୍ରଦେଶ, ସମସ୍ତ ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧ । ଏହି ଦୃଷ୍ଟିରୁ ବିକାଶ ସୂଚକାଙ୍କ ଆଧାରରେ ଆଗାମୀ ବଜେଟରେ ୬ଟି ରାଜ୍ୟକୁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନର ସମ୍ଭାବନା ରହିଛି । ଓଡ଼ିଶାକୁ ଏହି ସ୍ୱତନ୍ତ୍ର ପ୍ୟାକେଜ ମିଳିଲେ ରାଜ୍ୟର ବିକାଶରେ ଡେଣା ଲାଗିବ । ସେପଟେ କଂଗ୍ରେସ ଏହାକୁ ସମାଲୋଚନା କରିଛି । ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ଉଭୟ ବିଜେଡି ଓ ବିଜେପିର ୯ ବର୍ଷ ମେଣ୍ଟ ସରକାର ଥିଲା, ସେତେବେଳେ କାହିଁକି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଘୋଷଣା କଲେ ନାହିଁ । ବିଜେପି ଏବେ ମହାନଦୀ ସମସ୍ୟାର ସମାଧାନ କରୁ । ସେହିପରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍-ବଜେଟ ପରାମର୍ଶ ବୈଠକରେ ଆଗାମୀ କେନ୍ଦ୍ର ବଜେଟ ୨୦୨୪-୨୫ ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେଇଥିଲେ । ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଯୋଗ ଦେଇଥିଲେ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏହି ବୈଠକରେ ଯୋଗ ଦେଇଥିଲେ । ତେବେ ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ କେନ୍ଦ୍ର ବଜେଟ ୨୦୨୪-୨୫ରେ ଉପଯୁକ୍ତ ପଦକ୍ଷେପ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ କେତେକ ଦାବି ରଖିଥିଲେ । ସେଗୁଡିକ ହେଲା, ଓଡ଼ିଶାରେ ଅନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ଓଡ଼ିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ଏବଂ ପାରାଦ୍ୱୀପ ବନ୍ଦରର ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା, ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜିନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା, ୨୦୨୪-୨୫ (ଏସ୍ଏସିଆଇ) ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ । କେନ୍ଦ୍ର ବଜେଟରେ ସିଏସ୍ଏସ୍ ଯୋଜନା ଅଧୀନରେ ରାଜ୍ୟ-ୱାରି ବାର୍ଷିକ ଆବଣ୍ଟନର ଅଗ୍ରୀମ ସୂଚନା, ଯାହା ରାଜ୍ୟମାନଙ୍କୁ ସେମାନଙ୍କର ବଜେଟକୁ ବାସ୍ତବ ଭିତ୍ତିରେ ପ୍ରସ୍ତୁତ ଏବଂ ପାଣ୍ଠିର ସମୟାନୁବର୍ତ୍ତୀ ଉପଯୋଗ କରିବାରେ ସହାୟକ ହେବ । ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ବଜେଟ୍ ୨୦୨୪-୨୫ ରେ ଉପଯୁକ୍ତ ବ୍ୟବସ୍ଥା । ଓଡ଼ିଶାରେ ଜାତୀୟ ରାଜପଥ, ବିଶେଷକରି କୋଷ୍ଟାଲ୍ ହାଇୱେ ଏବଂ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ଉପଯୁକ୍ତ ପଦକ୍ଷେପ । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆଂଶିକ ସହାୟତା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ଅତି କମରେ ୫ ଲକ୍ଷ ଘର ନିର୍ମାଣ ପାଇଁ କେନ୍ଦ୍ର ବଜେଟରେ ଆବଶ୍ୟକୀୟ ଆବଣ୍ଟନ । ଓଡ଼ିଶାରେ ନୂତନ ସହରର ବିକାଶ ଏବଂ ଦ୍ରୁତ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା । ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ର ସମସ୍ୟାର ସମାଧାନ ପାଇଁ, ସଂଶୋଧିତ ବିତରଣ ସେକ୍ଟର ସ୍କିମ ଅଧୀନରେ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା, ସବୁଜ ହାଇଡ୍ରୋଜେନ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଆର୍ଥିକ ସହାୟତା ଏବଂ ଓଡ଼ିଶାରେ ଗ୍ରୀନ୍ ଏନର୍ଜି କରିଡର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅର୍ଥ ପ୍ରଦାନ ଆବଶ୍ୟକ ।

# ପ୍ରତିଶ୍ରୁତି ପୂରଣ ପାଇଁ ନୂଆ ସରକାରଙ୍କ ରୋଡମ୍ୟାପ୍ : କାର୍ଯ୍ୟକାରିଣୀ ବୈଠକରେ ହେବ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ବିଜେପି କାର୍ଯ୍ୟକାରିଣୀ ବୈଠକ । ଏହାକୁ ଉଦଘାଟନ କରିବେ ଜେପି ନଡ୍ଡା । ୨ ଦିନ ଧରି ଚାଲିବ କାର୍ଯ୍ୟକାରିଣୀ ବୈଠକ । ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବୁଧବାର ସହ ପ୍ରଭାରୀ ଲତା ଉସେଣ୍ଡି ଆସିଥିଲେ । ବିମାନବନ୍ଦରରେ ପହଞ୍ଚି ପ୍ରଭାରୀ ବିଜୟପାଲ ସିଂହ ତୋମାର କହିଛନ୍ତି, 'ସ୍ଥିତି ସମୀକ୍ଷା କରାଯିବ । ଆଗକୁ କ'ଣ କରାଯିବ ତାକୁ ନେଇ ରୋଡମ୍ୟାପ ପ୍ରସ୍ତୁତ କରାଯିବ । ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା କିପରି ନିର୍ଦ୍ଧାରିତ ସମୟ ଭିତରେ ସେନେଇ ଆଲୋଚନା ହେବ । ଏହି କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଗଲାଣି ।' ସେ ଆହୁରି କହିଛନ୍ତି, 'ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା କଥା ହେଉ, କି ରତ୍ନଭଣ୍ଡାର କିମ୍ବା ସୁଭଦ୍ରା ଯୋଜନା ସବୁ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଗାମୀ ଦିନରେ ରାଜ୍ୟରେ ବିଜେପି ସରକାର କେମିତି ଶାସନ କରିବ ସେନେଇ ରୋଡମ୍ୟାପ୍ ପ୍ରସ୍ତୁତ ହେବ । ଲୋକମାନଙ୍କ ପାଖରେ କେନ୍ଦ୍ର ଯୋଜନା ପହଞ୍ଚାଇବାକୁ ରଣନୀତି ପ୍ରସ୍ତୁତ ହେବ ।' ତେବେ ୧୯ ଏବଂ ୨୦ ତାରିଖରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହେବ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ବୈଠକକୁ ଉଦଘାଟନ କରିବେ । ଏହି ବୈଠକ ପୁରୀର ବଳିଆପଣ୍ଡା ସ୍ଥିତ ଏକ ହୋଟେଲରେ ହେବ । ନିର୍ବାଚନ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରରେ ତୃତୀୟ ଥର ଏବଂ ଓଡ଼ିଶାରେ ବିଜେପି ପ୍ରଥମ ଥର ସରକାର ଗଠନ ହେବା ପରେ ବୈଠକ ହେଉଛି । ସୂଚନା ଅନୁସାରେ, ୧୯ ତାରିଖ ସକାଳ ୧୦ ଟା ୩୦ରେ ପଦାଧିକାରୀ ବୈଠକ ହେବ । ଅପରାହ୍ନ ୨ଟା ୩୦ରେ କାର୍ଯ୍ୟକାରିଣୀ ବୈଠକ ଉଦଘାଟନ ହେବ ଏବଂ ଏହା ୨୦ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ । ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ସମସ୍ତ ବିଜେପି ନେତା ବୈଠକରେ ଉପସ୍ଥିତ ରହିବେ । ୨୦୨୪ ନିର୍ବାଚନବେଳେ ବିଧାନସଭା ଏବଂ ଲୋକସଭା ସଂଯୋଜକ, ଜିଲ୍ଲା ସାଧାରଣ ସମ୍ପାଦକ, ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ମୋର୍ଚ୍ଚା ସଭାପତି, ମୁଖ୍ୟମନ୍ତ୍ରୀ, ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ, କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ରହିବେ । କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି ଉପସ୍ଥିତ ରହିବେ । ବୈଠକରେ ରାଜନୈତିକ ପରିସ୍ଥିତି, ସାମ୍ପ୍ରତିକ ସରକାରର ଜନକଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ଚର୍ଚ୍ଚା ଆଲୋଚନା ହୋଇ ଆଗାମୀ ରଣନୀତି ପ୍ରସ୍ତୁତ ହେବ ।

# ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ ବ୍ୟାପକ ବୃକ୍ଷରୋପଣ ଅଭିଯାନ 'ଏକ ପେଡ୍ ମା କେ ନାମ' ପରିଚାଳନା କରିଛି

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ 'ଏକ ପେଡ ମା କେ ନାମ' ଅଭିଯାନର ଅଂଶ ଭାବରେ ଝାରସୁଗଡ଼ାରେ ଏକ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଥିଲା । ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟର ମିଳିତ ସହଯୋଗରେ ଜିଲ୍ଲା ପ୍ରଶାସନର ସଦସ୍ୟ, ସ୍କୁଲ ପିଲା ଓ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ୨୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା । ଚଳିତ ବର୍ଷ ଝାରସଗୁଡ଼ାର ସମଗ୍ର ଅଞ୍ଚଳରେ ୧ ଲକ୍ଷରୁ ଅଧିକ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖିଛି । ସବୁଜ ପରବେଶ ଲକ୍ଷ୍ୟ ହାସଲ ଓ ଜଳବାୟୁ ପରିର୍ତନ ଆହ୍ୱାନକୁ ମୁକାବିଲା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା 'ଏକ ପେଡ ମାକେ ନାମ' ଆରମ୍ଭ କରାଯାଇଥିଲା । ଟଙ୍କଧର ତ୍ରିପାଠୀ, ବିଧାୟକ



ଝାରସୁଗୁଡ଼ା, ଶ୍ରୀମତୀ ଅବୋଲି ସୁନିଲ ନାରଭାନେ, କଲେକ୍ଟର ତଥା ଜିଲ୍ଲା ମାଜିଷ୍ଟ୍ରେଟ, ପରମାର ସ୍ମିଥ ପୁରୁଷୋତମ ଦାସ ଏସ୍ପି, ମନୁ ଅଶୋକ ଭଟ ଜିଲ୍ଲା ଜଙ୍ଗଲ ଅଧିକାରୀ ଓ ସ୍କୁଲ ଛାତ୍ର ଛାତ୍ରୀ ଓ ଗୋଷ୍ଠୀର ଲୋକମାନେ ଉପସ୍ଥିତ ଥିଲେ । ସୁନୀଲ ଗୁପ୍ତା, ସିଓଓ-ବେଦାନ୍ତ ଲିମିଟେଡ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ନିଜର ସ୍ଥାୟୀ ବ୍ୟବସାୟ କାର୍ଯ୍ୟ ସହିତ ପରିବେଶ ସଂରକ୍ଷଣ ଦିଗରେ ଯତ୍ନବାନ ରହିଛୁ । ଆମର ପଦକ୍ଷେପ ଗୁଡ଼ିକ ଉନ୍ନତ ପ୍ରକୃତିକ ଇକୋ ସିଷ୍ଟମ ସଂରକ୍ଷଣ ଓ ପୋଷଣ ଲକ୍ଷ୍ୟ ରଖିଥିବାବେଳେ ଗୋଷ୍ଠୀକୁ ଏଦିଗରେ ସଚେତନ କରାଇଥାଏ । ଭାରତ ସରକାରଙ୍କ ଏକ ପେଡ ମା କେ ନାମ ଅଭିଯାନକୁ ସମର୍ଥନ କରି ଆମେ ଗର୍ବ ଅନୁଭବ କରୁଛୁ । ଶ୍ରୀ ଟଙ୍କଧର ତ୍ରିପାଠି, ବିଧାୟକ କହିଥିଲେ ଯେ ବେଦାନ୍ତ ପକ୍ଷରୁ ଏହି ଜୈବ ପ୍ରକୃତିର ସଂରକ୍ଷଣ ଦିଗରେ ଏହି ପ୍ରୟାସ କେବଳ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ ନାହିଁ ଅନ୍ୟପକ୍ଷରେ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ସୃଷ୍ଟିରେ ସହାୟକ ହେବ । ମିସ ଅବୋଲି ସୁନିଲ ନାରଭାନେ, କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ କହିଛନ୍ତି ଯେ ଏତେ ବଡ଼ ବୃକ୍ଷରୋପଣ ଅଭିଯାନ ପାଇଁ ବେଦାନ୍ତ ଝାରସୁଗୁଡାର ପ୍ରୟାସ ପ୍ରଶଂସନୀୟ । ବେଦାନ୍ତ ଆଜି ଏହି ଅଂଚଳର ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆଗାମୀ ବର୍ଷରେ କମ୍ପାନି ଏହିପରି ସହଯୋଗ ଜାରି ରଖୁ ବୋଲି ମୋର କାମନା । ଶ୍ରୀ ପରମାର ସ୍ମିଥ ପରୋଶତମଦାସ, ଏସପି, ଝାରସୁଗୁଡା କହିଥିଲେ ଯେ ଏକ ପେଡ ମା କେ ନାମ ଅଭିଯାନରେ ବେଦାନ୍ତର ଅଂଶଗ୍ରହଣ ଏକ କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନର ଏକ ଉଜ୍ଜ୍ୱଳ କାହାଣୀ । ଏକ ସୁସ୍ଥ ପରିବେଶ ବଜାୟ ରକ୍ଷା ଦିଗରେ କମ୍ପାନିର ଏହି ପ୍ରୟାସ ପ୍ରଶଂସନୀୟ ।

ଭୁବନେଶ୍ୱର
୧୯ ଜୁଲାଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ଶ୍ରୀଜଗନ୍ନାଥ ରୂପରେ ଦର୍ଶନ ଦେଲେ ଝଙ୍କଡ ବାସିନୀ ମା' ଶାରଳା



ଜଗତସିଂହପୁର, ୧୮/୭
ନ୍ୟୁଜ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶରେ ଦର୍ଶନ ଦେଲେ ମା' ଶାରଳା। ପବିତ୍ର ବଡ଼ ଏକାଦଶୀରେ ତିଥିରେ ଜଗତସିଂହପୁର ଜିଲ୍ଲା ଝଙ୍କଡ ବାସିନୀ ଦେବୀ ମା' ଶାରଳାଙ୍କୁ ଦୁର୍ଲ୍ଲଭ ଶ୍ରୀଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଇଥିଲା । ମା'ଙ୍କ ଏହି ଅପୂର୍ବ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଶ୍ରଦ୍ଧାଳୁ । ବଡ଼ ଏକାଦଶୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ମା' ଶାରଳାଙ୍କୁ ଜଗନ୍ନାଥଙ୍କ ରୂପରେ ସଜ୍ଜିତ କରାଯାଇଥିଲା । ଝଙ୍କଡ଼ ସ୍ଥିତ ମା' ଶାରଳା ପୀଠ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ ଅତିବ ନିବିଡ଼। ଶାରଳା ମନ୍ଦିର ଶକ୍ତିପୀଠ ଭାବରେ ପରିଚିତ ହୋଇଥିଲେ ମଧ୍ୟ ଏଠାରେ ବୈଷ୍ଣବୀୟ ପଦ୍ଧତି ଅନୁଯାୟୀ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ଦିନ ଦେବୀଙ୍କର ମାର୍ଜନା ପରେ ପୁରୀ ଶ୍ରୀମନ୍ଦିରରୁ ମହାପ୍ରସାଦ ଆସି ମା'ଙ୍କୁ ସମର୍ପଣ କରାଯାଇଥାଏ । ଶାକ୍ତ ଉପାସନା ବିଧି ଅନୁସାରେ ଦେବୀଙ୍କୁ ବିଲ୍ୱପତ୍ରରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଶାରଳାଙ୍କୁ ପ୍ରତିଦିନ ତୁଳସୀ ମଞ୍ଜରୀ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତ୍ୟେକ ଏକାଦଶୀ ତିଥିରେ ମା'ଙ୍କ ସନ୍ଧ୍ୟା ଆଳତି ପରେ ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ କରାଯାଇଥାଏ । ଏହି ବେଶରେ ଚକା ଚକା ଆଖି ସାଙ୍ଗକୁ ନାକରେ ନାକଚଣା ବେଶ ହୋଇ ଆକର୍ଷଣୀୟ ଦେଖାଯାଇଥାନ୍ତି ମା' ଶାରଳା।

**କାଉଡ଼ିଆଙ୍କ ପାଇଁ କଟକଣା**

## ଧବଳେଶ୍ୱର ପୀଠକୁ ଆଣିପାରିବେନି ପ୍ଲାଷ୍ଟିକ୍ ସାମଗ୍ରୀ



କଟକ,୧୮।୭ ନ୍ୟୁଜ ବ୍ୟୁରୋ

ଆସୁଛି ଶ୍ରାବଣ ସୋମବାର। ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ କାଉଡ଼ିଆଙ୍କ ଭିଡ଼ ଲାଗିବ। ଏହା ପୂର୍ବରୁ ଦେବୋତ୍ତର ବିଭାଗ ଓ ପୂଜକ କମିଟି ବୈଠକରେ କଡ଼ା ନିଷ୍ପତ୍ତି ନିଆଯାଇଛି। କାଉଡ଼ିଆମାନେ କେବଳ ମାଟି ଓ ପିତଳ କଳସ ଆଣି ଜଳ ଲାଗି କରିବାକୁ ଆସିବେ। ପ୍ଲାଷ୍ଟିକ କଳସ ଏବଂ ପ୍ଲାଷ୍ଟିକ୍ ତିଆରି ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।




ଭୁବନେଶ୍ୱର : ଗୁରୁ ଦେବପ୍ରସାଦଙ୍କ ୩୮ତମ ପୂଣ୍ୟତିଥି ପାଳନ ଅବସରରେ ରବିନ୍ଦ୍ର ମଣ୍ଡପରେ ତ୍ରିଧାରା ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ସିଙ୍ଗାପୁର ହାଇକମିଶନର ସିମନୱଙ୍ଗ। (ଫଟୋ : ସମ୍ବାଦ କଳିକା)

**ପ୍ୟାରିସ୍ ଅଲିମ୍ପିକ୍ସରେ କିଟ୍‌ର ୧୨ ଖେଳାଳି**

# ଅଲିମ୍ପିକ୍ସକୁ ସର୍ବାଧିକ ଖେଳାଳି ପଠାଇବାରେ କିଟ୍ ଭାରତର ପ୍ରଥମ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୮।୭ ନ୍ୟୁଜ ବ୍ୟୁରୋ

ଜୁଲାଇ ୨୬ରୁ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ କିଟ୍ ଓ କିସ୍‌ର ୧୨ଜଣ ଖେଳାଳି ସାମିଲ ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି। କୌଣସି ଶିକ୍ଷାନୁଷ୍ଠାନରୁ ଅଲିମ୍ପିକ୍ସରେ ଏତେ ସଂଖ୍ୟକ ଖେଳାଳି ଯୋଗଦେବା କ୍ଷେତ୍ରରେ କିଟ୍ ହେଉଛି ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ। ଏହା କିଟ୍, ଓଡ଼ିଶା ତଥା ଭାରତ ପାଇଁ ଗୌରବର ବିଷୟ। ଏ ନେଇ ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ଖେଳାଳି ଭର୍ଚ୍ୟୁଆଲରେ ଉପସ୍ଥିତ ଥିଲେ। ଅଲିମ୍ପିକ୍ସ ପାଇଁ ଖେଳାଳିମାନେ ୟୁରୋପର ବିଭିନ୍ନ ଦେଶରେ ବର୍ତ୍ତମାନ ତାଲିମରତ ଥିବାରୁ ସେମାନେ ଭର୍ଚ୍ୟୁଆଲରେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୭ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ । ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଡ.ସାମନ୍ତ ସେମାନଙ୍କ ସଫଳତା କାମନା କରିଥିଲେ। ଖେଳାଳିଙ୍କ ଉଦ୍ଦେଶ୍ୟରେ ଡ. ସାମନ୍ତ କହିଲେ, ତୁମମାନଙ୍କ କଠିନ ପରିଶ୍ରମ ଓ ତ୍ୟାଗ ପାଇଁ ତୁମେମାନେ ଦେଶକୁ ଗୌରବ ଆଣିଦେବ ବୋଲି ଆମର ଦୃଢ଼ ବିଶ୍ୱାସ। ପ୍ୟାରିସ୍ ଅଲିମ୍ପିକ୍ ୨୦୨୪ରେ କିଟ୍‌ରୁ

**◆ କିଟ୍ ପକ୍ଷରୁ ପ୍ରତି ଖେଳାଳିଙ୍କୁ ୭ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି**



ଯୋଗଦେଇଥିବା ଖେଳାଳିମାନେ ହେଲେ ହକିରେ ଅମିତ ରୋହିଦାସ, ଜାଭେଲିନ୍ ଥ୍ରୋରେ କିଶୋର କୁମାର ଓ ଅନୁ ରାଣୀ, ସଟ୍‌ପୁଟରେ ତେଜିନ୍ଦର ସିଂହ ତୁର ଓ ଆଭା ଖଟୁଆ, ୩ହଜାର ଓ ୫ହଜାର ମିଟର ଷ୍ଟିପଲଚେଜରେ ପାରୁଲ ଚୌଧୁରୀ, ୨୦ କିଲୋମିଟର ରେସ୍ ୱାକ୍ ଓ ମାରାଥନ ରେସ୍ ୱାକ୍ ମିକ୍ସଡ ରିଲେରେ ପ୍ରିୟଙ୍କା, ୧୦୦ ମିଟର ହର୍ଡଲ୍ସରେ ଜ୍ୟୋତି ଯାରାଜି, ୪X୪୦୦ମିଟର ରିଲେ ଟିମ୍‌ରେ ପ୍ରାଚୀ, ୫ହଜାର ମିଟରରେ ଅଙ୍କିତା, ୨୦ କିଲୋମିଟର ରେସ୍ ୱାକରେ ପରମଜିତ୍ ସିଂହ ବିଷ୍ଟ, ମାରାଥନ ରେସ୍ ୱାକ୍ ମିକ୍ସଡ ରିଲେ ଟିମ୍‌ରେ ସୂରଜ ପନୱାର ସାମିଲ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଡ. ସାମନ୍ତ କହିଲେ, କିଟ୍ ଓ କିସ୍ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ଯେଉଁଠାରୁ ସର୍ବାଧିକ ଅଲିମ୍ପିଆନ୍ ତିଆରି ହୋଇ ଅଲିମ୍ପିକସରେ ଅଂଶଗ୍ରହଣ କରୁଛନ୍ତି । କିଟ୍ ଓ କିସ୍‌ରୁ ଏପର୍ଯ୍ୟନ୍ତ ମୋଟ ୨୦ ଜଣ ଅଲିମ୍ପିଆନ୍, ୨ଜଣ ପାରାଅଲିମ୍ପିଆନ୍ ତିଆରି ହୋଇସାରିଲେଣି। ସେମାନେ ୨୦୧୬ ରିଓ ଅଲିମ୍ପିକ୍, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ୧୨ଜଣ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି ମଧ୍ୟ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଯୁଗ୍ମ ସମ୍ପାଦକ ପ୍ରଫେସର ବଲଜିତ୍ ସିଂହ ସେଖୋଁ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ମୁଖ୍ୟ ଆଥଲେଟିକ କୋଚ ସଞ୍ଜୟ କୁମାର ଗଡ଼ନାୟକ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଓ ଯୋଗ ବିଭାଗ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ

ପୁରୀ,୧୮।୭ ନ୍ୟୁଜ ବ୍ୟୁରୋ

ଗୁରୁବାର ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଦ୍ୱିତୀୟ ଥର ଖୋଲା ଯାଇଥିବା ବେଳେ ମନ୍ଦିର ଭିତରକୁ ଯିବା ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି। ସବୁକିଛି ଭଲରେ ଭଲରେ ହୋଇଯାଉ ବୋଲି ସେ ପ୍ରାର୍ଥନା କରିଛନ୍ତି। ଏହି ସମୟର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ନିର୍ଦ୍ଧାରିତ ସମୟ ୯ଟା ୫୧ରେ ଖୋଲିଛି ରତ୍ନଭଣ୍ଡାର। ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସହ ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ୧୧ଜଣିଆ ଟିମ୍‌ଙ୍କ ଉପସ୍ଥିତିରେ ଭଣ୍ଡାର



ଖୋଲାଯାଇଛି। ଏସ୍‌ଓପି ଅନୁସାରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ସମୟରେ ପୁରୀ ରାଜା ଗଜପତି ମହାରାଜ ମଧ୍ୟ ଆସିପାରନ୍ତି ବୋଲି ଜଷ୍ଟିସ ରଥ ସୂଚନା ଦେଇଥିଲେ। ତେବେ ସୂଚନାନୁସାରେ ଗଜପତି ପୁରୀରେ ପହଞ୍ଚି ଥିଲେ। ସେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ଭିତରେ ପ୍ରବେଶ କରିଥିଲେ । ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ପ୍ରଥମେ ରତ୍ନଭଣ୍ଡାର ଖୋଲାଯାଇଥିଲା। କମିଟି ସଦସ୍ୟମାନେ ବାହାର ରତ୍ନଭଣ୍ଡାର ତାଲା ଭାଙ୍ଗି ରତ୍ନଅଳଙ୍କାର ସ୍ଥାନାନ୍ତର ପାଇଁ ପଦକ୍ଷେପ ନେଇଥିଲେ। ପରେ ନୂଆ ତାଲା ପକାଇ ସିଲ୍ କରିଦେଇଥିଲେ। ତେବେ ସମୟ ଅଭାବରୁ ଭିତର ରତ୍ନଭଣ୍ଡାର ଖୋଲାଯାଇ ନ ଥିଲା। କେବଳ ପୁରୁଣା ତାଲା ଭାଙ୍ଗି ନୂଆ ତାଲା ପକାଇ ବାହାରୁ ଚାଲିଆସିଥିଲେ। ରତ୍ନଅଳଙ୍କାର ସ୍ଥାନାନ୍ତର ହୋଇପାରି ନଥିଲା। ତେଣୁ ଗୁରୁବାର ପୁନର୍ବାର ସମାନ ଏସ୍‌ଓପି ଅନୁଯାୟୀ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାର ଶ୍ରୀମନ୍ଦିର ଖଟ ଶେଯ ଘରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିବା ବେଳେ ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା। ସେହିପରି ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି ନେଇ ସ୍ଥିତି ଅନୁଧ୍ୟାନ କରାଥିବା ସୂଚନା ମିଳିଛି।

## ଏସ୍‌ସିବି ନୂଆ କ୍ୟାମ୍ପସ୍ ନିର୍ମାଣ ଅଗ୍ରଗତି ନେଇ ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ






ଭୁବନେଶ୍ୱର, ୧୮ /୭ ନ୍ୟୁଜ ବ୍ୟୁରୋ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲର ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଗୁରୁବାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ନୂତନ କ୍ୟାମ୍ପସ୍‌ର ନିର୍ମାଣ ସ୍ଥିତି ସଂପର୍କରେ ବିଭାଗୀୟ ଅଧିକାରୀ, ଓବିସିସି ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାଣିବାକୁ ଚାହିଁଥିଲେ। ୪୮ ଏକର ବିଶିଷ୍ଟ ନିର୍ମାଣାଧିନ ଏହି କ୍ୟାମ୍ପସ୍‌ରେ ଜେନେରାଲ ମେଡିସିନ୍, ସ୍ୱତନ୍ତ୍ର ମେଡିସିନ୍, ସ୍ୱତନ୍ତ୍ର ସର୍ଜରୀ, ସାଧାରଣ ସର୍ଜରୀ ଓ ଟ୍ରମା କେୟାର ଆଦି ବର୍ଗରେ ୨୬୬ଟି ଆଇସିୟୁ ଶଯ୍ୟା ସହ ୨୦୫୮ ଶଯ୍ୟାର ପ୍ରସ୍ତାବ ରହିଛି। ସେହିପରି ନିର୍ମାଣାଧିନ ଏହି କ୍ୟାମ୍ପସ୍‌ରେ ବିଭିନ୍ନ ବର୍ଗର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ୧୩ଟି ଆବାସିକ ଟାୱାରରେ ୫୧୨ ୟୁନିଟ୍ ରହିବ। ୨୨୭୮ ଜଣ ବାଳକ ଓ ବାଳିକା ରହିବା ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲର ନିର୍ମାଣ ସ୍ଥିତି ସଂପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ରୋଷଶାଳା, ଲଣ୍ଡ୍ରି, ଡାଟା ସେଣ୍ଟର, ସେଣ୍ଟ୍ରାଲ ଷ୍ଟୋର ସହ ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟଙ୍କ ପାଇଁ ରହିବା ସ୍ଥାନ, ବହୁତଳ କାର୍ ପାର୍କିଂ ଆଦି ବିଷୟରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତ ଅଧିକାରୀ ଓ ଠିକା ସଂସ୍ଥାର କଥା ଶୁଣିବା ସହ କ୍ୟାମ୍ପସ୍ ନିର୍ମାଣର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକ-ବାରବାଟି ବିଧାୟକ ସୋଫିୟା ଫିରଦୋସ୍, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ତ୍ତ ବିଭାଗର ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ଏନ୍‌ସିସି, ଏଲ୍ ଆଣ୍ଡ ଟି ଏବଂ ଏଇ-କମ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିମିଳିପାଳ ଅଭୟାରଣ୍ୟରୁ ଦୁଇ ଶିକାରୀ ଗିରଫ : ଝିଙ୍କ ମାଂସ ଓ କଣ୍ଟା ଜବତ

ବାରିପଦା, ୧୮/୭
ନ୍ୟୁଜ ବ୍ୟୁରୋ

ପୁଣି ଶିମିଳିପାଳ ଅଭୟାରଣ୍ୟରୁ ବନ୍ୟଜନ୍ତୁ ଶିକାରୀଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଦୁଇ ଜଣ ଶିକାରୀ ସମେତ ମାଂସ ଗ୍ରାହକଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଝିଙ୍କ ମାଂସ ସହ ୧ ବନ୍ଧୁକ ଏବଂ ୧ ଧନୁ ୩ ତୀର ଜବତ ହୋଇଛି। ଗିରଫ ଶିକାରୀମାନେ ହେଲେ କୁଳିଅଣା ଥାନା ଅନ୍ତର୍ଗତ ଆଲୁବଣି ଗ୍ରାମର ଚାମୁଟୁ ହେମ୍ବ୍ରମ(୪୦) ଏବଂ ବାଇଧର ସୋରେନ(୫୪)। ମାଂସ ଗ୍ରାହକ ଜଣକ ହେଲେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ହଳଦୀବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଇଧର ସୋରେନ। ଶିକାରୀଙ୍କ ପାଖରୁ ୧.୧୫୦ ଗ୍ରାମ ଝିଙ୍କ ମାଂସ ଓ ୮୮ ଟି ଝିଙ୍କ କଣ୍ଟା ଜବତ ହୋଇଛି। ଏନେଇ ବନ ବିଭାଗକୁ ପୂର୍ବରୁ ସୂଚନା ମିଳିଥିବା ବେଳେ ଝିଙ୍କ ଶିକାର କରି ବାଇଧର ସୋରେନଙ୍କୁ ବିକ୍ରି କରୁଥିବା ବେଳେ ବନ ବିଭାଗର ଟିମ୍ ମାଡି ବସିଥିଲେ। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡର ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

## ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଅସୁସ୍ଥ : ଏସ୍‌ସିବିରେ ଭର୍ତ୍ତି

କଟକ, ୧୮/୭ ନ୍ୟୁଜ ବ୍ୟୁରୋ

ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଅସୁସ୍ଥ। ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ଗୁରୁବାର ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ଅଣାଯାଇ ଏସସିବିର ମେଡ଼ିସିନ ବିଭାଗରେ ଭର୍ତ୍ତି କରାଯାଇଛି। ଏସସିବି ମେଡିକାଲର ଆଇସିୟୁରେ ଭର୍ତ୍ତି କରାଯାଇ ତାଙ୍କର ଚିକିତ୍ସା ଚାଲିଛି। କିଡ୍‌ନୀ ଜନିତ ସମସ୍ୟା ସହ ଜ୍ୱର ରୋଗରେ ଆକ୍ରାନ୍ତ ହୋଇଛନ୍ତି କମଳା ପୂଜାରୀ। ଏସସିବି ମେଡ଼ିସିନ ବିଭାଗର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ମେଡ଼ିସିନ ବିଭାଗ, ନେଫ୍ରୋଲୋଜି ବିଭାଗ ଓ ପଲ୍ମୁନାରୀ ମେଡ଼ିସିନ ବିଭାଗର ଚାରିଜଣ ଡାକ୍ତରଙ୍କୁ ନେଇ ଏହି ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଆଗରୁ ବହୁବାର ମଧ୍ୟ କମଳା ପୂଜାରୀ ଏସ୍‌ସିବି ମେଡିକାଲ ଆସି ଚିକିତ୍ସିତ ହୋଇ ଯାଇଥିଲେ।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଟ୍ୱିନସିଟିରେ ବାଟୁଲି ଗ୍ୟାଙ୍ଗର ଆତଙ୍କ : ଟାର୍ଗେଟରେ ଦାମୀ କାର୍, ୪ ସଦସ୍ୟ ଗିରଫ



ଭୁବନେଶ୍ୱର, ୧୮/୭
ନ୍ୟୁଜ ବ୍ୟୁରୋ

ରାସ୍ତା ଉପରେ କାର୍ ଥୋଉଥିଲେ ସାବଧାନ । ଟ୍ୱିନସିଟି କଟକ ଓ ଭୁବନେଶ୍ୱରରେ ମାତିଛନ୍ତ ତ୍ରିଚି ଗ୍ୟାଙ୍ଗ ବା ବାଟୁଲି ଗ୍ୟାଙ୍ଗ । ବାଟୁଲି ମାରି କାର୍ କାଚ ଭାଙ୍ଗିବା ପରେ ସେଥିରେ ଥିବା ଲାପଟପ୍, ମୋବାଇଲ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ କରୁଥିଲେ ଲୁଟ୍ । ଗ୍ୟାଙ୍ଗର ୪ ସଦସ୍ୟ ଗିରଫ ପରେ ପଦାକୁ ଆସିଛି ଏମାନଙ୍କ କଳା କାରନାମା। ଏକ ସପ୍ତାହ ହେବ କଟକ ଓ ଭୁବନେଶ୍ୱରରେ ଆତଙ୍କ ମଚାଇଥିବା ଏହି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଧରିଛି ସ୍ପେଶାଲ ସ୍କ୍ୱାର୍ଡ । ଅଭିଯୁକ୍ତଙ୍କ ପାଖରୁ ୪ଟି ଲାପ୍‌ଟପ୍, ୨୫ ମୋବାଇଲ ଜବତ ହୋଇଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ତାମିଲନାଡୁରୁ ଆସିଛନ୍ତି । ସେଠାରୁ ଆସିବା ପରେ ଷ୍ଟେସନରେ ରହିବା ସହ ଅନ୍ୟ ସ୍ଥାନରେ ଘର ଭଡ଼ା ନେଇ ରହୁଥିଲେ। ଚକୋଲେଟ୍ ଜରିରେ ପଥର ବାନ୍ଧି ଏମାନେ ବାଟୁଲି ସାହାଯ୍ୟରେ ରାସ୍ତା ଉପରେ ଥୁଆ ହୋଇଥିବା ଦାମୀ କାର୍‌କୁ ଟାର୍ଗେଟ୍ କରୁଥିଲେ । ବାଟୁଲି ମାରି କାର୍ କାଚ ଭାଙ୍ଗିବା ପରେ ଗ୍ୟାଙ୍ଗର ସଦସ୍ୟମାନେ ଉକ୍ତ ସ୍ଥାନକୁ କଭର ଅପ୍ କରୁଥିଲେ ଓ ଜଣେ ଯାଇ କାର୍ ଭିତରେ ଥିବା ମୂଲ୍ୟବାନ ସାମଗ୍ରୀ ଲୁଟ୍ କରୁଥିଲେ। ଏମାନଙ୍କ ନାଁରେ ଭୁବନେଶ୍ୱରରେ ୧୦ଟି ଓ କଟକରେ ୧୧ଟି ମାମଲା ରହିଛି । ସେତିକି ନୁହେଁ, ରଥଯାତ୍ରା ସମୟରେ ଏମାନେ ପୁରୀ ଯାଇ ଲୋକଙ୍କ ପକେଟ ମାର୍ କରିଥିବା ମଧ୍ୟ ଜଣାପଡିଛି । ସୂଚନାଯୋଗ୍ୟ, ପୂର୍ବରୁ ଏରାଗୋଲା ଗ୍ୟାଙ୍ଗ ଏମିତି ଷ୍ଟାଇଲରେ ଲୁଟପାଟ କରୁଥିଲା । ଏବେ ତ୍ରିଚା ଗ୍ୟାଙ୍ଗ ସମାନ ଷ୍ଟାଇଲରେ ଲୁଟ୍‌ପାଟ୍ ଚଳାଇଛି । କେବଳ କାର୍ ନୁହେଁ, ମୋ ବସ୍ ସମେତ ବିଭିନ୍ନ ଦୋକାନରୁ ମଧ୍ୟ ଏମାନେ ଲୁଟ୍‌ପାଟ କରିଛନ୍ତି । ତେବେ ଏବେ ବଡ଼ ପ୍ରଶ୍ନ ହେଉଛି, ଏହି ଗ୍ୟାଙ୍ଗ ଓଡ଼ିଶାରେ କେବେ ଠାରୁ ସକ୍ରିୟ ଥିଲେ, କେବେ ଠାରୁ ଏମାନେ ତାମିଲନାଡୁରୁ ଆସିଥିଲେ ତାହା ପୋଲିସ ପାଇଁ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । କେବଳ କଟକ ଓ ଭୁବନେଶ୍ୱରରେ ନା ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଏମାନେ ସକ୍ରିୟ ଥିଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ । ଆବଶ୍ୟକ ପଡ଼ିଲେ, ଏମାନଙ୍କୁ ରିମାଣ୍ଡରେ ନିଆଯାଇ ପଚରାଉଚରା କରାଯିବ ବୋଲି ପୋଲିସ କମିଶନର କହିଛନ୍ତି। ଲୁଟେରା ଗ୍ୟାଙ୍ଗଙ୍କ ଠାରୁ ମିଳିଥିବା ଜିନିଷରୁ ଜଣେ ଓଏଏସ ଅଧିକାରୀର ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ଠାରୁ ଲୁଟ୍ ଲାପ୍‌ଟପ ଓ ମନିପର୍ସ ସେମାନଙ୍କୁ ଫେରାଇଛି ପୋଲିସ ।

## କଟକରେ ଠାବ ହେଲା ନକଲି ଚା' ପତି କାରଖାନା



କଟକ, ୧୮/୭ ନ୍ୟୁଜ ବ୍ୟୁରୋ

କଟକ ଜଗତପୁର ଲକ୍ଷ୍ମଣପୁରରେ ନକଲି ଚା' ପତି କାରଖାନା ଠାବ ହୋଇଛି। ବିପୁଳ ପରିମାଣ ଚା' ପତି ସହ ମେସିନ ଜବତ କରିଛି ସିଏମସି ଟିମ୍। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜଗତପୁର ଅଞ୍ଚଳରେ। ପୁଣି ନକଲି ଟାଟା ଚା' କମ୍ପାନୀ ଠାବ କରାଯାଇଛି । ସୂଚନା ଅନୁସାରେ, ଦୀର୍ଘ ଦିନଧରି ଜଗତପୁର ଲକ୍ଷ୍ମଣପୁର କେନାଲ ବନ୍ଧରେ ଥିବା ଏକ ନିର୍ଜନ ସ୍ଥାନରେ ଗୋଟିଏ ଛୋଟ ଘରେ ଟାଟା କମ୍ପାନୀ ନାମରେ ନକଲି ପ୍ୟାକିଂ ହେଉଥିଲା । ସେପଟେ ଗୁରୁବାର ଜଗତପୁର ୪୮ ନମ୍ବର ୱାର୍ଡରେ ସିଏମସି ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ବେଆଇନ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ଉକ୍ତ ଘରଟିକୁ ମଧ୍ୟ ଭଙ୍ଗା ଯାଇଥିଲା । ଘର ଭାଙ୍ଗିବା ସମୟରେ ଦେଖିବାକୁ ମିଳିଲା ଯେ ଗୁଡ଼ାଏ ଟାଟା କମ୍ପାନୀର ଛୋଟ ଛୋଟ ପ୍ୟାକେଟ ସହିତ, ତିନୋଟି ଅଲଗା ଅଲଗା କମ୍ପାନୀର ଚା' ପତି, ଗୋଟିଏ ମିକ୍ସ ଓ ପ୍ୟାକିଙ୍ଗ ମେସିନ, ଗୋଟିଏ ସିଲାଇ ମେସିନ, ଅନେକ ଗୁଡ଼ିଏ ବ୍ୟାଣ୍ଡର ପ୍ୟାକେଜିଂ ଜରି ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଦେଖିବାକୁ ମିଳିଥିଲା ।

## ସୁପ୍ରିମକୋର୍ଟର ୨ ନୂତନ ବିଚାରପତିଙ୍କୁ ଶପଥ ପାଠ କରାଇଲେ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧୮/୭

ସୁପ୍ରିମକୋର୍ଟଙ୍କୁ ଗୁରୁବାର ଦୁଇ ନୂଆ ବିଚାରପତି ମିଳିଛି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଜଷ୍ଟିସ ଏନ କୋଟେଶ୍ୱର ସିଂହ ଓ ଜଷ୍ଟିସ ଆର୍ ମହାଦେବନଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ପାଠ କରାଇଛନ୍ତି ପ୍ରଧାନ ବିଚାରପତି। ଦୁଇ ବିଚାରପତି ଶପଥ ନେବା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ମୋଟ ସ୍ୱୀକୃତ ସଂଖ୍ୟା ୩୪ ହୋଇଛି । ଜଷ୍ଟିସ ଏନ କୋଟେଶ୍ୱର ସିଂହ ମଣିପୁରରୁ ସୁପ୍ରିମକୋର୍ଟ ବିଚାରପତି ହେବାର ପ୍ରଥମ ବ୍ୟକ୍ତି ଅଟନ୍ତି। ଜୁଲାଇ ୧୧ରେ ସୁପ୍ରିମକୋର୍ଟ କଲେଜିୟମ ଏହି ଦୁଇଜଣଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି କରିବାକୁ କେନ୍ଦ୍ରକୁ ସୁପାରିଶ କରିଥିଲେ। ଏହି ଅବସରରେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଉପସ୍ଥିତ ଥିଲେ ।